# ଭୌତିକ ବୋତଲ



odia.org

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

# ଭୌତିକ ବୋତଲ

[ ରବର୍ଟ ଲୁଇ ଷ୍ଟିଭେନ୍‌ସନ୍‌ଙ୍କ
The Bottle Imp ର
ଓଡ଼ିଆ ରୂପାନ୍ତର ]

ଅନୁବାଦକ
ବାବା ବୈଦ୍ୟନାଥ ପାଢ଼ୀ

ଗ୍ରନ୍ଥମନ୍ଦିର

[ This book has been printed in paper made available by the Govt. of India at concessional rate.

ପ୍ରକାଶକ :

ଅଭିରାମ ମହାପାତ୍ର

ଗ୍ରନ୍ଥମନ୍ଦିର

କଟକ-୨ : ବ୍ରହ୍ମପୁର-୧

ମୁଦ୍ରକ :

ଶ୍ରୀ ଗୋପୀନାଥ ସାହୁ

ରାଷ୍ଟ୍ରଭାଷା ସମବାୟ ପ୍ରେସ୍

ରାଷ୍ଟ୍ରଭାଷା ରୋଡ଼, କଟକ-୭୫୩୦୦୧

ପ୍ରଥମ ମୁଦ୍ରଣ: ଜୁଲାଇ ୧୯୬୭

ମୂଲ୍ୟ :

ଟ ୨.୭୦

# ଏକ

ଦୂର ସମୁଦ୍ର କୂଳରୁ ଅପଲକ ଦୃଷ୍ଟିରେ ଚାହିଁ ରହିଛି ହାଓ୍ୱାଇ ଦ୍ୱୀପ ଆକାଶର ଶୂନ୍ୟତା ଆଡ଼କୁ । ବୁକୁରେ ତାହାର ବନାନୀର ସବୁଜିମା, ଚକ୍ଷୁରେ ତାହାର ଆକାଶର ନୀଳ ସ୍ୱପ୍ନ । ଏହି ଦ୍ୱୀପର ନାରିକେଳ ବନରେ ବାଜିଉଠୁଛି ଲକ୍ଷ ଲକ୍ଷ ପତ୍ରର କରତାଳି ବାଧାହୀନ ଚଞ୍ଚଳ ବତାସରେ । ଆଉ ସୁଦୂର ଆକାଶର ଆହୁରି ସୁଦୂର ସୀମାନ୍ତରୁ ଭାସିଆସୁଛି ସମୁଦ୍ରର ଡାକ ।

ସେହି ହାଓ୍ୱାଇ ଦ୍ୱୀପରେ ବାସ କରୁଥିଲା ସେ । ଧରିଯାଉ ତାର ନାମ କଉସ୍ପୀ । ଅସଲ ନାମଟି ଗୋପନ ରଖାଯାଇଛି; କାରଣ ବର୍ତ୍ତମାନ ସୁଦ୍ଧା ସେ ଜୀବିତ ।

କଉସ୍ପୀ ଯେଉଁଠି ଜନ୍ମ ଗ୍ରହଣ କରିଥିଲା, ସେହି ସ୍ଥାନଟି ହାନାପୁନାଭଠାରୁ ଖୁବ୍ ବେଶି ଦୂର ନୁହେଁ । ସେ ଥିଲା ଗରିବ । ଯେଉଁ ଦିନ ଯାହା ରୋଜଗାର କରୁଥିଲା, ତାହା ସେହି ଦିନର ଖର୍ଚ୍ଚ ପାଇଁ ମଧ୍ୟ ନଅଣ୍ଟ ହେଉଥିଲା ତାହାର । ଶରୀରରେ ତା'ର ଥିଲା ଅକଳନ ଶକ୍ତି । ତା'ପରି ସାହସୀ ଏବଂ କର୍ମଠ ଆଉ କେହି ନଥିଲେ କହିଲେ ଅତ୍ୟୁକ୍ତି ହେବନି । ଅମାବାସ୍ୟା ରାତିର ନିସ୍ତବ୍ଧ ପ୍ରହରର ଘନ ଅନ୍ଧକାରରେ ହାଓ୍ୱାଇ ଦ୍ୱୀପର ଘନ ଜଙ୍ଗଲ ଭିତରେ ଗଲାବେଳେ ତାର ଗୁଡ଼ତ କେବେହେଲେ କମ୍ପିନି । ବନ୍ଧୁମାନଙ୍କ ସହିତ ବାଜି ରଖି କେତେ ରାତି ଯେ ସେ ଏକାକୀ ଭୟପ୍ରଦ କବରଖାନାରେ କଟାଇଛି, ତାର ହିସାବ ନାହିଁ ।

ଲେଖାପଢ଼ାରେ ମଧ୍ୟ ସେ କମ୍ ନୁହେ । ସଂକ୍ଷେପରେ କହିବାକୁ ଗଲେ, ସବୁ ବିଷୟରେ ସେ ଥିଲି ଧୁରନ୍ଧର ।

ଉଚ୍ଚକୋଟୀର ଜାହାଜୀ ହିସାବରେ ମଧ୍ୟ ତାର ନାମର ଖ୍ୟାତି କମ୍ ନଥିଲି । ସେ ଥିଲି ବିଖ୍ୟାତ ନାବିକ । ତାର କର୍ମକ୍ଷେତ୍ର ଥିଲି ଅତଳ ସମୁଦ୍ର । ହାମାକୁସ୍ତା ଉପକୂଳରେ ତିମି-ଶିକାରର ଯେଉଁ ସବୁ ଅଭିଯାନ ଚାଲେ, ସେହି ଅଭିଯାନର ଅଗ୍ରଣୀ ଥିଲି ସେ ।

କିନ୍ତୁ କଉସ୍ତୀ ମନରେ ଆଦୌ ଗର୍ବ ନଥିଲି । ସେ ବରାବର ଭାବୁଥିଲି, ଏହି ବିରାଟ ପୃଥିବୀର ଅଳ୍ପ କିଛି ବିଷୟ ଜାଣେ ସେ । ଜାଣିବାକୁ ତାହାର ଆତୁର ବାକି ଅଛି ଅନେକ ବେଶି ।

ଦିନେ ହଠାତ୍ ସେ ଭାବିଲି, ସେ କିଛି ଜାଣେ ନାହିଁ । ତେଣୁ ଏହି ବିଶାଳ, ବିପୁଳ ପୃଥିବୀକୁ ଭଲଭାବେ ଚିହ୍ନିବାକୁ ଚେଷ୍ଟା କରିବ; ଅନ୍ତତଃ ଦୁନିଆର ବଡ଼ ବଡ଼ ସହରଗୁଡ଼ିକ ସେ ଦେଖିବ । ଆଉ ଘରକୋଣରେ ବସି ନରହି ସେ ବାହାରିବ ତା ଉଦ୍ଦେଶ୍ୟ ସାଧନ ନିମନ୍ତେ ।

ଅତି ବିଚିତ୍ର ଥିଲି ସେହି କଉସ୍ତୀ । ଯାହା ଭାବେ ତାହା ସଙ୍ଗେ ସଙ୍ଗେ କାର୍ଯ୍ୟରେ ପରିଣତ କରିଦିଏ ସେ ।

ଦିନେ ସାନଫ୍ରାନସିସ୍କୋଗାମୀ ଗୋଟିଏ ଜାହାଜର କାପ୍ଟେନ୍‌ଙ୍କ ସହିତ ଦେଖାହେଲି ତାର । ଭାଗ୍ୟକ୍ରମେ ଗୋଟିଏ ଚାକିରି ମଧ୍ୟ ପାଇଗଲି ସେ ସେଠାରେ । ତା'ପରେ ସେହି ଜାହାଜ ଚଢ଼ି ସେ ସମୁଦ୍ରପଥରେ ଯାତ୍ରା ଆରମ୍ଭ କଲି ।

ଜାହାଜ ହାଓ୍ୱାଇ ଦ୍ୱୀପର ବନ୍ଦର ଛାଡ଼ି ମହାଦରିଆରେ ପହଞ୍ଚିଲିବେଳକୁ ସନ୍ଧ୍ୟା ହୋଇଯାଇଛି । ଏତିକବେଳେ ହଠାତ୍ ଯେପରି ଦିକ୍‌ଚକ୍ରବାଳରେ ନିଆଁ ଜଳିଉଠିଲି ଦାଉ ଦାଉ କରି । ସମୁଦ୍ରଜଳରେ ବୁଡ଼ିଗଲେ ରୁପେଲି ସୂର୍ଯ୍ୟ । ପକ୍ଷମୁକ୍ତ ବିହଙ୍ଗ ପରି ଭାସି ଚାଲିବାକୁ ଲାଗିଲି ଜାହାଜଟି । ସାମନାରେ ତାର ଧୀରେ

ଧୀରେ ନଇଁଆସିଲା ଅନ୍ଧକାରର ଯବନିକା ।

ହଠାତ୍ ଗୋଟିଏ କ୍ରୁଦ୍ଧ କୋଳାହଳ ଶୁଣାଗଲା ଜାହାଜ ଭିତରେ ।

କଉସ୍ତୀ ସେତେବେଳେ ଠିଆ ହୋଇଥାଏ ଜାହାଜର ଡେକ୍ ଉପରେ ରେଲିଂ ଧରି । ତାର ଦୃଷ୍ଟି ପଡ଼ିଲା ଆକାଶ-କୋଣରେ ।

ଗ୍ଲେଟ ଖଣ୍ଡିଏ କଳା ମେଘ ଧୀରେ ଧୀରେ ମୁଣ୍ଡ ଟେକୁଛି ଆକାଶର ଗୋଟିଏ କୋଣରେ । କ୍ରମେ ସେହି ମେଘଖଣ୍ଡିକ ଧରିଲା ପ୍ରଚଣ୍ଡ ରୂପ । କଳା ଆକାଶର ବୁକୁ ଚିରି ବାହାରକୁ କେତେ ଥର ଦେଖାଦେଲା ଅଙ୍କାବାଙ୍କା ବିଜୁଳିରେଖା । ଗୃହୁଁ ଗୃହୁଁ ସେହି କଳାମେଘ ପରିଣତ ହୋଇଗଲା ପ୍ରଚଣ୍ଡ ଝଡ଼ରେ ।

ଚତୁର୍ଦ୍ଦିଗରେ ଘନ ଅନ୍ଧକାର । ଆଉ ସେହି ଘନ ଅନ୍ଧକାର ମଧ୍ୟରେ ଭୀଷଣ ଗର୍ଜନ କରି ଫୁଲିଉଠିଲା ଗଭୀର ସମୁଦ୍ର ।

ସତର୍କ ଘଣ୍ଟା ବାଜିଲା ଜାହାଜରେ । ସଙ୍ଗେ ସଙ୍ଗେ ଆରମ୍ଭ ହେଲା ବିପଦକାଳୀନ ଉଦ୍‌ବେଗର ଚିତ୍କାର, ଘଣ୍ଟାର ଢଂ-ଢ଼ାଂ ଶବ୍ଦ, ଯନ୍ତ୍ରଧ୍ୱନି ଓ ଦୌଡ଼ାଦୌଡ଼ି ।

ସୁନେଲି ରଙ୍ଗର ବିଦ୍ୟୁତ୍-ସର୍ପ ସବୁ ବିରାଟ ଫଣା ଟେକି ନୃତ୍ୟ କରିବାକୁ ଲାଗିଲେ କଳା ଆକାଶରେ; ବାରମ୍ବାର ଚୋଟ ମାରିଲେ ସମୁଦ୍ରର କୃଷ୍ଣ ଜଳବକ୍ଷରେ—ଆଉ କ୍ରୁଦ୍ଧ ସମୁଦ୍ର ଲମ୍ଫ ଦେବାକୁ ଲାଗିଲା ଜାହାଜର ଚତୁର୍ଦ୍ଦିଗରେ ମନର କ୍ରୁଦ୍ଧ ଆବେଗ ଜଣାଇବା ଉଦ୍ଦେଶ୍ୟରେ । ଏଣେ ପ୍ରଚଣ୍ଡ ଝଡ଼ ତାର ଶକ୍ତିଶାଳୀ ସହସ୍ର ହସ୍ତରେ ଠେଲିନେଇଯାଉଥିଲା ଜାହାଜଟିକୁ ଦ୍ରୁତଗତିରେ ।

ଏପରି ଅବସ୍ଥାରେ ପଡ଼ି କ୍ରନ୍ଦନ କରିବାକୁ ଲାଗିଲା ଜାହାଜର ପୁଙ୍ଗା ନିଃସହାୟ ଶିଶୁପରି ।

ଝଡ଼ ଆଡ଼କୁ ଚୃହିଁ ରହିଲେ ଜାହାଜର ଆରୋହୀଗଣ । କ୍ୟାପ୍‌ଟେନ୍ ଯେ କୌଣସି ବିପଦ ପାଇଁ ପ୍ରସ୍ତୁତ ରହିବାକୁ ସତର୍କବାଣୀ ଶୁଣାଇଦେଲେ ଆରୋହୀଗଣଙ୍କୁ ।

କଉସ୍ପୀ ଭାବିଲା, ଏହା ଯଦି ଆରମ୍ଭର ନମୁନା ହୁଏ, ତେବେ ଶେଷଟା କଣ ହେବ ? ଦରକାର ନାହିଁ ଆଉ ପୃଥିବୀ ଭ୍ରମଣରେ । ଭ୍ରମଣରୁ ଇସ୍ତଫା ଦେଇ ନିରାପଦରେ ସାନ୍‌ଫ୍ରାନ୍‌-ସିସ୍କୋରେ ପହଞ୍ଚିପାରିଲେ ରକ୍ଷା ; କିନ୍ତୁ ପରକ୍ଷଣରେ ସେ ଫେରି-ପାଇଲା ତାହାର ସାହସ । ଯାହା ବିପଦ ଥିବ ତାହା ହେବ; କିନ୍ତୁ ଦେହରେ ଜୀବନ ଥିବା ପର୍ଯ୍ୟନ୍ତ ପୃଥିବୀ ଭ୍ରମଣ ଆଶା ତ୍ୟାଗ-କରିବା ଆଦୌ ଉଚିତ ନୁହେଁ ।

ଅବଶ୍ୟ ବେଶି ସମୟ ଝଡ଼ର ପ୍ରାବଲ୍ୟ ରହିଲା ନାହିଁ । ମଧ୍ୟରାତ୍ରି ପରେ ପରେ ଥମିଆସିଲା ଝଡ଼ର ତାଣ୍ଡବ । ମେଘ-ଗୁଡ଼ିକ ଅଦୃଶ୍ୟ ହୋଇଗଲେ କେଉଁ ସୁଦୂର ଅଜଣା ରାଇଜରେ । ଆକାଶରେ ଧୀରେ ଧୀରେ ଉଙ୍କିମାରିଲେ ଦଳେ ତାରକା । ବେଳକୁ ବେଳ ବୃଦ୍ଧି ପାଇଲା ସେମାନଙ୍କ ସଂଖ୍ୟା । ଆଉ ନୀରବ ସ୍ପନ୍ଦନଭରା ସମୁଦ୍ରରେ ଆଗେଇବାକୁ ଲାଗିଲା ଜାହାଜଟି ତାର ସ୍ୱାଭାବିକ ଗତିରେ ।

ତା'ପରେ ପୁନରାୟ ଜାହାଜର ଡେକ୍‌ରେ ଛିଡ଼ା ହେଲା କଉସ୍ପୀ । ଚୃହିଁରହିଲା ସୁଦୂର ପଶ୍ଚାତ୍‌କୁ, ଅସ୍ପଷ୍ଟ ଅନ୍ଧକାରରେ ତାକୁ ଦେଖାଯାଉଥିଲା କେବଳ ସମୁଦ୍ରର ସୀମାହୀନ ନୀଳିମା ।

ହାଓ୍ୱାଇ ଦ୍ୱୀପ ଥିଲା ବହୁ ଦୂରରେ···

# ଭୁଲ

କି ଚମତ୍କାର ସହର ସାନଫ୍ରାନ୍‌ସିସ୍କୋ !

ଜାହାଜର ଡେକ୍ ଉପରୁ ଚିତ୍ରପଟ ପରି ଦେଖାଯାଉଥିଲା ସେହି ସାନ୍ ଫ୍ରାନ୍‌ସିସ୍କୋ ସହରଟି କଉଯ୍ୟୀକୁ ।

ଜାହାଜଟି ବନ୍ଦରରେ ଲାଗୁ ଲାଗୁ ସେ ଡେଇଁପଡ଼ିଲା କୂଳରେ ଥିବା ବାଲି ଉପରକୁ । କାଳବିଳମ୍ବ ନକରି ସେ ଚାଲିଲା ସହର ଆଡ଼କୁ ।

ସୁନ୍ଦର ସହର । ଧନୀ ଲୋକଙ୍କର ଅଭାବ ନାହିଁ ଏହି ସହରରେ । ସୁନ୍ଦର ସୁନ୍ଦର ଘରଗୁଡ଼ିକୁ ଚାହିଁରହିଲା କଉଯ୍ୟୀ ଅପଲକ ନେତ୍ରରେ । ତାର ମନେହେଲା, ସେ ଯେପରି ମୟ ଦାନବର ଦେଶକୁ ଆସିଛି ।

ସେ ଦିନ...

କଉଯ୍ୟୀ ଚାଲୁଥିଲା ଏହି ସୁନ୍ଦର ଘରଗୁଡ଼ିକ ପାର୍ଶ୍ୱ ଦେଇ । ଟଙ୍କାରେ ଭରପୂର ତାର ପକେଟ । ସେହି ଦିନ ସେ ପାଇଛି ତାର ଦରମା । ମନଟା ତାର ଖୁସିରେ ଭରପୂର ସେଇଥିପାଇଁ ।

କି ଚମତ୍କାର ଘରଗୁଡ଼ିକ ! ସତେ ଯେପରି ଚିତ୍ରପଟରେ ଅଙ୍କିତ ଛବି ! ଏହି ସବୁ ଘରେ ଯେଉଁମାନେ ଥାଆନ୍ତି, କି ଆନନ୍ଦରେ ଦିନ କଟାଉଥିବେ ସେମାନେ ? ଆସନ୍ତାକାଲି ପାଇଁ ଯାହାକୁ ଭାବିବାକୁ ହୁଏ ନାହିଁ, କେତେ ସୁଖୀ ସେମାନେ ! ଏମିତି ବହୁତ କଥା ଭାବି ଭାବି ସେ ଛିଡ଼ାହେଲା ଗୋଟାଏ ଘର ସାମନାରେ ।

ଅନ୍ୟାନ୍ୟ ଘର ତୁଳନାରେ ଏଇ ଘରଟି ଶ୍ରେଷ୍ଠ ହେଲେହେଁ, ସବୁଠାରୁ ସୁନ୍ଦର—ଅପୂର୍ବ । ଏହି ଘରଟିକୁ ଦେଖି ତାର ମନେ ପଡ଼ିଗଲା କଣ୍ଢେଇ ଦେଶର ରାଜପ୍ରାସାଦର କାହାଣୀ । ଶିଡ଼ିଗୁଡ଼ିକ

ଦେଖାଯାଉଥିଲା ରୁପାପରି······ଚକ୍ଷୁ ଝଲସିଉଠୁଥିଲା ଦର୍ଶକର । ଆଉ ଚଟାଣଟା ଥିଲା ମସୃଣ । ଦୁଧପରି ଧଳା ମାର୍ବଲ ପଥରରେ ତିଆରି ଘରଟା । ଘରଟିର ଚତୁର୍ଦ୍ଦିଗରେ ଘେରିରହିଥିଲା ଫୁଲବଗିଚା ···ଅଜସ୍ର ଫୁଲ ଫୁଟିଥିଲା ସେହି ବଗିଚାରେ । ଇନ୍ଦ୍ରଧନୁର ଶୋଭାକୁ ମଧ୍ୟ ପରାଜିତ କରିଛି ସେହି ସବୁ ଫୁଲର ବିଭବ । ପୃଥିବୀର ସମସ୍ତ ସୁନ୍ଦର ସୁନ୍ଦର ଫୁଲ ଯେପରି ଭିଡ଼ କରିଥିଲେ ଗୋଟାଏ ଜାଗାରେ । ମସୃଣ ଧଳା କାନ୍ଥରେ ଥିବା କାଚର ଝରକାଗୁଡ଼ିକ ହୀରକ ପରି ଚକ୍ ଚକ୍ କରି ଶୋଭାବର୍ଦ୍ଧନ କରୁଥିଲା ଘରଟିର ।

ବିସ୍ମୟରେ ମନକୁ ମନ ବନ୍ଦ ହୋଇଗଲା କଉସ୍ତୀର ପାଦ ସେଠାରେ । ସେ ଏକଦୃଷ୍ଟିରେ ଚାହିଁରହିଲା ସେହି ଆଶ୍ଚର୍ଯ୍ୟ ସୁନ୍ଦର ଘରଟି ଆଡ଼କୁ । କେତେକ ମିନିଟ୍ ଏହିପରି କଟିଗଲା । ତା'ପରେ ହଠାତ୍ କଉସ୍ତୀର ମନେହେଲା ଘରଟା ଭିତରୁ ଜଣେ ଭଦ୍ରଲୋକ ଯେପରି ଲକ୍ଷ୍ୟ କରୁଛନ୍ତି ତାକୁ କାଚଝରକା ବାଟେ । ଭଦ୍ରଲୋକ ଦେଖିପାରୁଥିଲେ ରାସ୍ତା ଉପରେ ଥିବା କଉସ୍ତୀକୁ ସ୍ପଷ୍ଟଭାବରେ ।

ଭଦ୍ରଲୋକ ଜଣକ ପ୍ରୌଢ଼—ବୁଢ଼ା କହିଲେ ବି ଚଳିବ । ମୁହଁଟା ସାରା କଳାପାଚିଲାମିଶା ଦାଢ଼ି । ଏହି ଦାଢ଼ି-ଜଙ୍ଗଲ ଭେଦ କରି କଉସ୍ତୀର ଦୃଷ୍ଟି ଯାଇ ପଡ଼ିଲା ଭଦ୍ରଲୋକଙ୍କ ମୁହଁରେ । କୌଣସି କାରଣରୁ ଯେପରି ଗଭୀର ଦୁଃଖରେ ଭଦ୍ରଲୋକଙ୍କ ହୃଦୟ ଆଲୋଡ଼ିତ ହେଉଛି ବୋଲି ମନେହେଲା କଉସ୍ତୀର ; କିନ୍ତୁ ଦୂରରେ ରହି ନିଶ୍ଚୟ ଭୁଲ ବୁଝୁଛି ସେ; କାରଣ ଏହି ଧରଣର ଘରେ ଯିଏ ବାସକରେ, ତାର ପୁଣି ଦୁଃଖ କୋଉଥିପାଇଁ ?

ଭଦ୍ରଲୋକ କିନ୍ତୁ କାତରଭାବେ ଦୀର୍ଘଶ୍ୱାସ ତ୍ୟାଗ କରୁଥିଲେ କୌଣସି ଏକ ଦୁଶ୍ଚିନ୍ତାରେ । କୌଣସି ଏକ ଆତଙ୍କରେ ବିଦୀର୍ଣ୍ଣ ହେଉଥିଲା ତାଙ୍କର ହୃଦୟ । କଉସ୍ତୀ ଆଡ଼କୁ ଚାହିଁ ସେ ଅସ୍ପଷ୍ଟ

ଭାବରେ କହିଲେ, "ମନେହେଉଛି, ଏହି ଗରିବ ଜାହାଜିଟି ମୋର ପ୍ରସ୍ତାବରେ ରାଜି ହେବ···ଆଚ୍ଛା, ପରୀକ୍ଷା କରି ଦେଖେଁ ଥରେ···।"

ଭଦ୍ରଲୋକ କଉପ୍ପୀକୁ ତାଙ୍କ ଘର ଭିତରକୁ ଯିବା ପାଇଁ ଇଙ୍ଗିତ ଦେଲେ । କଉପ୍ପୀ ଅବାକ୍ ହୋଇଗଲା ଏପରି ଅପ୍ରତ୍ୟାଶିତ ନିମନ୍ତ୍ରଣରେ । ଧୀରେ ଧୀରେ ଆଗେଇଗଲା ସେ । ତାକୁ ଅଭ୍ୟର୍ଥନା କରିବା ପାଇଁ ଭଦ୍ରଲୋକ ଆଗେଇ ଆସିଲେ ଫାଟକ ଯାଏ । କହିଲେ, "ଆପଣ ଭିତରକୁ ଆସନ୍ତୁ ।"

କଉପ୍ପୀ କହିଲା, "ମୁଁ କ'ଣ ଆପଣଙ୍କର କୌଣସି କାମରେ ଲାଗିବି, ସାର୍ ?"

"ସେଇଟା ଆପଣଙ୍କ ଉପରେ ନିର୍ଭର କରେ । ଆଗେ ଭିତରକୁ ଆସନ୍ତୁ ।"

ଆଗେଇଗଲା କଉପ୍ପୀ ।

ଭଦ୍ରଲୋକ କହିଲେ, "ଏହି ଚମତ୍କାର ଘରଟିର ମାଲିକ ମୁଁ । ଆପଣ ଇଚ୍ଛା କଲେ ଘରଟାସାକ ବୁଲି ଦେଖିପାରନ୍ତି ।"

କଉପ୍ପୀ ଶୁଣିବାକୁ ପାଇଲା, ଭଦ୍ରଲୋକଙ୍କ ହୃଦୟର ଗଭୀର ଅନ୍ତଃପୁରରୁ ବାହାରିଆସୁଥିବା ଦୀର୍ଘ ନିଃଶ୍ୱାସଟିକୁ । ସେ ନୀରବରେ ଆଉ ଥରେ ଚାହିଁରହିଲା ତାଙ୍କ ଆଡ଼କୁ । ଭଦ୍ରଲୋକ ପଚାରିଲେ, "ଆପଣଙ୍କ ନାମଟା ଜାଣିପାରେ କି ? କେଉଁଠୁ ଆସିଛନ୍ତି ଆପଣ ?"

"ମୋ ନାଁ କଉପ୍ପୀ । ହାଓ୍ୱାଇ ଦ୍ୱୀପରେ ମୋର ଘର ।" ଉତ୍ତର ଦେଲା କଉପ୍ପୀ । ସେ ଉତ୍ତର ଦେବା ସଙ୍ଗେ ସଙ୍ଗେ ଶୁଣିବାକୁ ପାଇଲା ପୁଣି ଭଦ୍ରଲୋକଙ୍କର ଦୀର୍ଘନିଃଶ୍ୱାସର ଶବ୍ଦ ।

ଏହା ପରେ ଭଦ୍ରଲୋକ କଉପ୍ପୀକୁ ତାଙ୍କ ଘରଟା ସାରା ବୁଲାଇ ଦେଖାଇଦେଲେ । ଘରଟି ନିଖୁଣ । ଅନେକ ସ୍ଥାନ ବୁଲିଛି କଉପ୍ପୀ ଜାହାଜରେ, ଗଳ୍ପ ବହି ପଢ଼ିଛି ସେ ଅନେକ; କିନ୍ତୁ ଏପରି

ଆଶ୍ଚର୍ଯ୍ୟ ସୁନ୍ଦର ଘର ସେ କେଉଁଠି ଦେଖିନ ବା ଶୁଣିନ, କିମ୍ବା ଗଳ୍ପରେ ମଧ୍ୟ ପଢ଼ିନ । ଏହିପରି ଗୋଟିଏ ଘର ଦେଖି ସେ ଅବାକ୍ ହୋଇଗଲା ।

କଉପୁୀ କହିଲା, "ପ୍ରକୃତରେ ଏଇଟା ଗୋଟିଏ ଚମତ୍କାର ଘର । ମୁଁ ଯଦି ଏହିପରି ଗୋଟିଏ ଘର ଭିତରେ ରହିପାରନ୍ତି, ତେବେ କି ସୁଖ ନପାଆନ୍ତି ? ଏହିପରି ଗୋଟିଏ ଘରର ଯିଏ ମାଲିକ, ତାର ପୁଣି ଭାବନା କଣ ? କିନ୍ତୁ ଆପଣ କାହିଁକି ଯେ ବାରମ୍ବାର ଦୀର୍ଘଶ୍ୱାସ ତ୍ୟାଗ କରୁଛନ୍ତି କିଛି ବୁଝିପାରୁନି ମୁଁ । ଆପଣଙ୍କର ଦୁଃଖ ଦୂର କରିବା ପାଇଁ ମୋର କଣ କିଛି ସାହାଯ୍ୟ ଦରକାର ? କହନ୍ତୁ···ମୁଁ ଆପଣଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛି ।"

"ପ୍ରକୃତରେ ମୋର ଦୀର୍ଘଶ୍ୱାସ ପାଇଁ ଅସ୍ୱସ୍ତି ହେଉଛି ଆପଣଙ୍କର—ତାହା ମୁଁ ବୁଝିପାରୁଛି; ଯଦିଓ ଏହା ପଛରେ ସେହିପରି କୌଣସି କାରଣ ନାହିଁ । ଆଚ୍ଛା ! ଥାଉ ସେ କଥା ! ଏହି ଘରଟି ପସନ୍ଦ ହେଉଛି ଆପଣଙ୍କର ? ଆପଣ ତ ଇଚ୍ଛା କଲେ ଏହିପରି ନିଖୁଣ ସୁନ୍ଦର ଗୋଟିଏ ଘର ତିଆରି କରାଇପାରିବେ— ଏପରିକି ଏହାଠାରୁ ଆହୁରି ଅଧିକ ସୁନ୍ଦର ଘରଟିଏ ମଧ୍ୟ ତିଆରି କରିବା ଅସମ୍ଭବ ହେବନି ଆପଣଙ୍କ ପକ୍ଷରେ । ଆପଣଙ୍କ ନିକଟରେ ନିଶ୍ଚୟ କିଛି ଟଙ୍କା-ପଇସା ଅଛି ।"

"ମୋର ସମ୍ବଳ ମାତ୍ର ପଚିଶ ଡଲାର । ତେଣୁ ଏପରି ଗୋଟିଏ ଘର କାହିଁକି ଏହାଠାରୁ ଅତି ନିକୃଷ୍ଟ ଧରଣର ଘରଟିଏ ତିଆରି କରାଇବା କଳ୍ପନା ମଧ୍ୟ ମୁଁ କରିନପାରେ ।"

ଭଦ୍ରଲୋକ ଯେପରି କଣ ଗୋଟାଏ ସ୍ୱଭାବ କଲେ ମନେ ମନେ । ତା'ପରେ ହଠାତ୍ କହିବାକୁ ଲାଗିଲେ, "ଆପଣଙ୍କ

ନିକଟରେ ଆଜ ବେଶୀ ଟଙ୍କା ପଇସା ନାହିଁ ଶୁଣି ମୁଁ ଦୁଃଖିତ ; କିନ୍ତୁ ମୋର ମନେହୁଏ ସେଥିରେ ମଧ୍ୟ ହୋଇଯିବ ।”

“କଣ ହୋଇଯିବ ? ଏହିି ଧରଣର ଖଣ୍ଡିଏ ଘର ?”

“ନାଁ, ନାଁ—ଘର ନୁହେଁ । ସେ କଥା କିଏ କହିଲା ? ମୁଁ କହୁଛି ବୋତଲଟା କଥା । ବୋତଲଟା ପଚିଶ ଡଲାରରେ ହୋଇଯିବ ।”

“ବୋତଲ ! ସିଏ ପୁଣି କଣ ?”

କିଉଏଙ୍କର ପ୍ରଶ୍ନରେ ମୃଦୁ ହସଟିଏ ହସି ଭଦ୍ରଲୋକ କହିଲେ, “ବୁଝିପାରୁଛି ଆପଣ ମୋତେ ଖୁବ୍ ବଡ଼ଲୋକ ବୋଲି ଧରିନେଇଛନ୍ତି । ଆପଣଙ୍କୁ ସତକଥା ଖୋଲି କହିବାରେ କିଛି ବାଧା ନାହିଁ ।··· ମୁଁ ଭାବୁଛି ସବୁ କଥା ଆପଣଙ୍କୁ ଖୋଲିକରି କହିବା ଉଚିତ । ମୋର ଏହି ଘର, ବଗିଚ୍ଚ, ମୋର ସମସ୍ତ ସୌଭାଗ୍ୟ—ସବୁ କିଛି ଗୋଟିଏ ବୋତଲ ଯୋଗୁଁ ।···ଏଇ ଦେଖନ୍ତୁ ସେହି ବୋତଲଟା ।”

ଏହା କହି ଭଦ୍ରଲୋକ ଗୋଟିଏ ଡ୍ରୁ ଖୋଲି ତା ଭିତରୁ ପେଟ ମୋଟା, ଲମ୍ବା ବେକବାଲା ବଡ଼ ବୋତଲଟିଏ ବାହାର କରି ଟେବୁଲ ଉପରେ ଥୋଇଲେ । ବୋତଲଟିର ରଙ୍ଗ ଦୁଧପରି ଧଳା ଏବଂ ସେହି ଧଳା କାଚରୁ ଝଲସୁଥିଲା ଇନ୍ଦ୍ରଧନୁର ଆଭା । ବୋତଲ ଭିତର ଛାୟାଳିଆ ଦିଶୁଥିଲା ଏବଂ ତା'ଭିତରେ ଯେପରି ଘୂରିବୁଲୁଥିଲା ନିଆଁ ପରି କଣ ଗୋଟିଏ ଜିନିଷ ।

## ତିନି

"ହଁ, ଏ ହେଉଛି ସେହି ବୋତଲ ।"—ଭଦ୍ରଲୋକ କହିଲେ ।

କଉସ୍ତୀ ଭଦ୍ରଲୋକଙ୍କ ଆଡ଼କୁ ଚାହିଁରହିଲା ମୂକ ପରି । ଭଦ୍ରଲୋକ ଜଣେକ ପାଗଳ ନୁହନ୍ତି ତ ? ପୁନରପି ସେ ଚାହିଁରହିଲା ତାଙ୍କ ଆଡ଼କୁ; କିନ୍ତୁ ଭଦ୍ରଲୋକଙ୍କର ହାବଭାବରୁ ପାଗଳାମିର କୌଣସି ଲକ୍ଷଣ ଦେଖିବାକୁ ପାଇଲାନି ସେ । ହଠାତ୍ ତାର ମନେ-ହେଲା, ଭଦ୍ରଲୋକ ହୁଏତ ରସିକତା କରୁଛନ୍ତି ତା ସହିତ । ଠୋ-ଠୋ ହସିବାକୁ ଲାଗିଲା ସେ ।

ଭଦ୍ରଲୋକ ତାର ମନକଥା ବୁଝିପାରି କହିଲେ, "ହଁ, ଆପଣ ମୋ କଥା ବିଶ୍ୱାସ କରୁନାହାନ୍ତି ବୋଧହୁଏ ? ଅବଶ୍ୟ ସେଥିପାଇଁ ଦୋଷ ଦିଆଯାଇ ନପାରେ ଅପଣଙ୍କୁ; କିନ୍ତୁ ବିଶ୍ୱାସ କରନ୍ତୁ, ମୁଁ ଥଟ୍ଟା କରୁନି ଆପଣଙ୍କୁ···ମୁଁ ହଲପ କରି କହୁଛି ଏ କଥା । ଅଚ୍ଛା, ଆପଣ ଦେଖନ୍ତୁ···ଥରେ ଚେଷ୍ଟା କରି ଦେଖନ୍ତୁ ବୋତଲଟାକୁ ଭାଙ୍ଗିପାରିବେ କି ନାହିଁ କୌଣସି ପ୍ରକାରେ । ବୋତଲଟି ଯଦି ଭାଙ୍ଗିଦେଇ ପାରିବେ, ତେବେ ମୁଁ ଯାହା କହୁଛି ତାହା ସବୁ ମିଛ ବୋଲି ଧରିନେବି । ମୋ କଥା ବିଶ୍ୱାସ କରନ୍ତୁ, ପ୍ରକୃତରେ ବୋତଲଟାର ଗୋଟିଏ ଆଶ୍ଚର୍ଯ୍ୟ ଶକ୍ତି ଅଛି··· । କୌଣସି ପ୍ରକାରେ ଆପଣ ଭାଙ୍ଗିପାରିବେନି ଏଇଟିକୁ ।"

କଉସ୍ତୀ ତତ୍କ୍ଷଣାତ୍ ଟେବୁଲ ଉପରୁ ବୋତଲଟା ନେଇ ଖୁବ୍ ଜୋର୍‌ରେ ଫିଙ୍ଗିଦେଲା ପଥର ଉପରକୁ ।

କିନ୍ତୁ କି ଆଶ୍ଚର୍ଯ୍ୟ !

ବୋତଲଟା ଭାଙ୍ଗିଲା ତ ନାହିଁ; ବରଂ ରବର ବଲ୍ ପରି ପଥର ଉପରୁ ଡେଇଁଉଠିଲା କେତେ ଥର । କଉସ୍ତୀ ସଙ୍ଗେ ସଙ୍ଗେ ତାର ସମସ୍ତ ବଳ ପ୍ରୟୋଗ କରି ପୁଣି ପଥର ଉପରେ

ବୋତଲଟା ପିଟିବାକୁ ଲାଗିଲା; କିନ୍ତୁ ହାୟ ! ଦେହରୁ ଝାଳପଡୁଛି ଝାଳ, ବେଳକୁ ବେଳ ବେଶି କରି ବୋତଲକୁ ପିଟି ପିଟି । କ୍ଲାନ୍ତ ହୋଇ ତାର ଦେହ ଥରିବାକୁ ଲାଗିଲା । ତାର ଏପରି ଅବସ୍ଥା ଦେଖି ଭଦ୍ରଲୋକ ହସିବାକୁ ଲାଗିଲେ ଏଥର ।

ଏତେବେଳେ ଯାଇ ବୋତଲଟିର ଆଶ୍ଚର୍ଯ୍ୟ ଶକ୍ତି ସମ୍ବନ୍ଧରେ କିଛିଟା ଧାରଣା ହେଲା କଉସ୍ତୁରିର । ବାରମ୍ବାର ରଙ୍ଗ ବଦଳୁଛି ବୋତଲଟାର—ମନେହେଉଛି ଯେପରି ନିଆଁ ଜଳୁଛି ବୋତଲଟା ଭିତରେ ଧପ୍ ଧପ୍ କରି । ଆଉ···ଆଉ ତା ମଝିରେ ଦେଖାଯାଉଛି ଗୋଟାଏ ଅନ୍ଧକାରର ଛାୟା । କଉସ୍ତୁରିର ମନେହେଲା ଗୋଟିଏ ଅସୀମ ଶକ୍ତି ଘୂରିବୁଲୁଛି ବୋତଲଟା ଭିତରେ । ସେ ବିସ୍ମିତ ହୋଇ ଛିଡ଼ା ହୋଇ ରହିଲା । କୌଣସି କଥା କହିବାର ଶକ୍ତି ରହିଲାନି ତାହାର ।

ଚମକ ଭାଙ୍ଗିଲା ତାହାର ଭଦ୍ରଲୋକଙ୍କ କଥା ଶୁଣି—"କଣ ? ଏଥର ବିଶ୍ୱାସ ହେଲା ତ ?"

କଉସ୍ତୁରି କହିଲା, "ପ୍ରକୃତରେ ବୋତଲଟା ତ କାଚର ବୋଲି ମନେହେଉଛି; କିନ୍ତୁ ଇଏ କି କଥା ମୁଁ କିଛି ବୁଝିପାରୁନାହିଁ । ଗୋଟିଏ ଅଦ୍ଭୁତ ପ୍ରାଣୀ ଯେପରି ବୋତଲଟା ଭିତରେ ଘୂରିବୁଲୁଛି । ସେଇଟା କଣ ମୁଁ କିଛି ବୁଝିପାରୁନି ।"

"ବୋତଲ ଭିତରେ ଅଛି ଗୋଟିଏ ଖଅନ୍ତା ଭୂତ ।"—ଭଦ୍ରଲୋକ କହିଲେ ।

"ଭୂତ ! ଆରେ ବାବା ! ଭୂତପ୍ରେତ ସହିତ କୌଣସି ସମ୍ପର୍କ ନାହିଁ ମୋର ।" ଏଇତକ କହିଦେଇ ବୋତଲଟାକୁ ଭଦ୍ରଲୋକଙ୍କୁ ଫେରାଇଦେଇ ସେ ଚାଲିଯିବା ଲାଗି ପାଦ ବଢ଼ାଇଲା ।

କାଉସ୍ପୀ ଚାଲିଯିବା ଉପକ୍ରମ କରିବା ଦେଖି ଭଦ୍ରଲୋକ ଶୀଘ୍ର ଶୀଘ୍ର କହିବାକୁ ଲାଗିଲେ, "ରହନ୍ତୁ ମହାଶୟ, ଚାଲିଯାଆନ୍ତୁ ନାହିଁ । ଏହି ଭୂତ ଦୌଲତ ପ୍ରଦାନ କରିଦେବ ଆପଣଙ୍କୁ । ଆଗେ ମୋର ସବୁକଥା ମନଦେଇ ଶୁଣନ୍ତୁ ।"

କାଉସ୍ପୀ ଭୟରେ ଫେରିଲା ସତ; କିନ୍ତୁ ବୋତଲଠାରୁ ଟିକିଏ ଦୂରରେ ଯାଇ ଠିଆହେଲା । ବାରମ୍ବାର ସେ ଚାହିଁରହିଲା ସେହି ଖୋଲା ଡ୍ରୁ ଆଡ଼କୁ ।

ଭଦ୍ରଲୋକ କହିଲେ, "କାଚରେ ହିଁ ତିଆରି ଏହି ବୋତଲଟା।" ଏତିକ କହିସାରି ଆଗଠାରୁ ଆହୁରି ଗମ୍ଭୀର ଗୋଟିଏ ଦୀର୍ଘଶ୍ୱାସ ତ୍ୟାଗ କଲେ ସେ । ତା'ପରେ ପୁଣି କହିଲେ, "ବୋତଲଟା ପ୍ରକୃତରେ କାଚରେ ତିଆରି ; କିନ୍ତୁ ଏହାକୁ ତିଆରି କରାଯାଇଥିଲା ନରକର ଅଗ୍ନିରେ ପୋଡ଼ାଯାଇ । ଏହି ବୋତଲଟା ଭିତରେ ଗୋଟିଏ ଭୂତ ଅଛି ।...ଏହି ଯେଉଁ ଛାୟାପରି କିଛିଗୋଟି ବୋତଲ ଭିତରେ ଘୂରିବୁଲୁଛି, ସେଇଟା ହେଲା ସେଇ ଭୂତ । ଯିଏ ଏହି ବୋତଲଟା କିଣିନେବ, ଭୂତ ହେବ ତାହାର ଚାକର । ବୋତଲ ମାଲିକ ଯାହା କହିବ, ତାହା ସଙ୍ଗେ ସଙ୍ଗେ ପାଳନ କରିବ ଭୂତଟା । ଯାହାକିଛି ଯଶ, ମାନ, ଐଶ୍ୱର୍ଯ୍ୟ, ଏହି ଘରପରି ଘର କିମ୍ବା ଏହି ସହର ପରି ସହର...ଯାହା କିଛି ଚାହିଁବାକ୍ଷଣି ସଙ୍ଗେ ସଙ୍ଗେ ମିଳିଯିବ ଏହି ଭୂତ ସାହାଯ୍ୟରେ ।

"ନେପୋଲିୟନ ବୋନାପାର୍ଟଙ୍କ ନାମ ଶୁଣିଥିବ ନିଶ୍ଚୟ । ଏହି ବୋତଲଟା ତାଙ୍କ ନିକଟରେ ଥିଲା ବୋଲି ସେ ଦୁନିଆର ବାଦଶାହ ହୋଇପାରିଥିଲେ । ତାଙ୍କର ସୌଭାଗ୍ୟ ମୂଳରେ ଥିଲା ଏହି ଅଦ୍ଭୁତ ବୋତଲଟା । ସାରା ଦୁନିଆ ଦଖଲ କରି ନେଇ-ପାରିଥିଲେ ସେ ଏହି ବୋତଲଟା ତାଙ୍କ ନିକଟରେ ଥିଲା ବୋଲି; କିନ୍ତୁ ସେ ଭାବିଲେ ଯେ ଏହି ଭୂତର ସାହାଯ୍ୟ ବିନା ସେ ତାଙ୍କ

କାର୍ଯ୍ୟ ଶେଷ କରିପାରିବେ । ତେଣୁ ବୋତଲଟା ବିକି କରି-ଦେଇଥିଲେ ସେ ଓ ଏହା ବିକି କରିଦେବା ପରେ ପରେ ତାଙ୍କର ସର୍ବନାଶ ହୋଇଥିଲା ।

"କାପ୍‌ଟେନ୍ କୁକ୍‌ଙ୍କ ନାମ ମଧ୍ୟ ଅଜଣା ନୁହେଁ ଆପଣଙ୍କର । ଏହି ବୋତଲଟା ତାଙ୍କ ନିକଟରେ ଥିଲା ବୋଲି ସେ ବିଭିନ୍ନ ଦ୍ୱୀପର ସନ୍ଧାନ ପାଇଥିଲେ । ଆବିଷ୍କାରକ ହିସାବରେ ସେ ଲାଭ କରିଥିଲେ ଅମରତ୍ୱ ···କିନ୍ତୁ ସେ ମଧ୍ୟ ଏଇଟାକୁ ବିକି କରିଦେବା ସଙ୍ଗେ ସଙ୍ଗେ ହାୱାଇ ଦ୍ୱୀପର ଅସଭ୍ୟମାନଙ୍କ ହାତରେ ଘଟିଥିଲା ତାଙ୍କ ଜୀବନାନ୍ତ । ବୋତଲଟି ବିକି କରିଦେବା ପରେ କେହି ଯଦି ତାହାର ଯାହା ଅଛି ତାହା ନେଇ ସନ୍ତୁଷ୍ଟ ନରହେ, ତେବେ ତାର ହୁଏ ସର୍ବନାଶ ।

"ତାହେଲେ ଆପଣ ଏଇଟାକୁ ବିକି କରିଦେବା ଲାଗି ଚାହୁଁଛନ୍ତି କାହିଁକି ?" କିଉୟି ପ୍ରଶ୍ନ କଲା । ସେତେବେଳକୁ ସେ ବୋତଲଟା ସମ୍ବନ୍ଧରେ ଯଥେଷ୍ଟ କୌତୂହଳୀ ହୋଇଉଠିଲାଣି ।

"ମୁଁ ଯାହା ପାଇଛି ସେଥିରେ ହିଁ ସନ୍ତୁଷ୍ଟ । ତା ଛଡ଼ା ମୁଁ ଦିନକୁ ଦିନ ବୁଢ଼ା ହୋଇଯାଉଛି ।" ଭଦ୍ରଲୋକ ଉତ୍ତର ଦେଲେ । "ଅମର କରିବା ଶକ୍ତି କିମ୍ବା ଆୟୁ ବଢ଼ାଇବା ଶକ୍ତି ଏହି ବୋତଲର ନାହିଁ । ମନୁଷ୍ୟର ଯୌବନ ଫେରାଇଦେବା ଶକ୍ତି ମଧ୍ୟ ଏହି ବୋତଲର ନାହିଁ । ତେଣୁ ବୋତଲଟିକୁ ରଖି ଲାଭ କଣ ?"

"ଏସବୁ ସତ୍ତ୍ୱେ ଆପଣ ବୋତଲଟା ବିକି କରିବା ଠିକ୍ ନୁହେଁ ।"

"ଆପଣଙ୍କ ନିକଟରେ ଏହି ବୋତଲର ଗୋଟିଏ ବିପଦର କାହାଣୀ ଲୁଚାଇବା ମୋର ଠିକ୍ ହେବନି । ସେଇଟି ହେଲା, ଏହି ବୋତଲଟି ବିକି କରିଦେବା ପୂର୍ବରୁ କେହି ଯଦି ମରିଯାଏ

ତା'ହେଲେ ଅନନ୍ତକାଳ ତାକୁ ନରକରେ ଯମଯନ୍ତ୍ରଣା ଭୋଗ କରିବାକୁ ହେବ ।"

"ତାର ମାନେ ?" କଉପ୍ପୀ ବିଷୟଟା ସେତେବେଳକୁ ଠିକ୍ ଭାବେ ବୁଝିପାରିନଥିଲା ।

ଭଦ୍ରଲୋକ ବୁଝାଇବାକୁ ଚେଷ୍ଟା କଲେ—"ମୁଁ ବୁଢ଼ା ହୋଇ-ଯାଇଛି, କେତେବେଳେ ମରିଯିବି ତାହା କହିହେବ ନାହିଁ; ତେଣୁ ଏହି ବୋତଲ ମୋ ଦଖଲରେ ରଖି ମରିବା ପାଇଁ ଚାହେଁ ନାହିଁ । ଏହି ବୋତଲରେ ଯେଉଁ ଭୂତଟା ଅଛି, ସେ ତାର ମାଲିକକୁ ଧନ-ଦୌଲତ, ସୁଖ-ସୌଭାଗ୍ୟ ସବୁକିଛି ଦେବାକୁ ପ୍ରସ୍ତୁତ ଅଛି କେବଳ ଗୋଟିଏ ସର୍ତ୍ତରେ । ସେହି ସର୍ତ୍ତଟା ହେଲା ବୋତଲର ମାଲିକ ସଙ୍ଗେ ତାର ଆତ୍ମା ବଦଳ କରିବା । ତାର ଅର୍ଥ—ବୋତଲର ମାଲିକ ଭୂତର ସ୍ଥାନ ଦଖଲ କରି ଏହି ବୋତଲ ଭିତରେ ରହିବ ; ଆଉ ବୋତଲ ଭିତରେ ଥିବା ନରକରୁ ମୁକ୍ତ ହେବ ଭୂତର ଆତ୍ମା । ବୋତଲଟାକୁ ବିକି କରିଦେବା ଆଗରୁ କେହି ଯଦି ମରିଯାଏ, ତା'ହେଲେ ହିଁ ଆତ୍ମାର ଏହି ସ୍ଥାନ ଦଖଲ ସମ୍ଭବ ।"

କଉପ୍ପୀ ଭାବିଲା, "ଏଇଟା ଗୋଟାଏ ସାଂଘାତିକ ସର୍ତ୍ତ; ଏଥିରେ ସନ୍ଦେହ ନାହିଁ । ମୁଁ ଘର ନଥାଇ ଚଳିପାରିବି, ଏତେ ଦିନ ଯେପରି ଚଳିପାରିଲି; କିନ୍ତୁ ନରକରେ ସଡ଼ି ମରିବାକୁ ମୁଁ ମୋଟେ ପ୍ରସ୍ତୁତ ନୁହେଁ। ବାପ୍ ରେ ବାପ, କି ସାଙ୍ଘାତିକ କଥା ! ନରକର ଅଗ୍ନିରେ ଅନନ୍ତକାଳ ଯମ-ଯନ୍ତ୍ରଣା ଭୋଗ କରିବାକୁ ହେବ ! କି ସର୍ବନାଶୀ କଥାରେ ବାବା ! ଭାବିଲେ ଲୋମ ଟାଙ୍କୁରି ଉଠୁଛି ମୋର । ନାହିଁ ଆଜ୍ଞା ! ଏ ଫିକର ମୋ ପାଖରେ ଚଳିବନି—ଏହି ବୋତଲକୁ ମୁଁ କିଣିବି ନାହିଁ ।"

"ମୋର କଥା ବର୍ତ୍ତମାନ ସୁଦ୍ଧା ଶେଷ ହୋଇନି; ଆଗେ ସବୁ ଶୁଣିଯାଆନ୍ତୁ ନା । ଆପଣଙ୍କୁ ତ ବାଧ୍ୟ କରୁନି ମୁଁ, କିଣିବେ ତ କିଣିବେ; କିନ୍ତୁ ସବୁ କଥା ଶୁଣିବାରେ ତ କୌଣସି କ୍ଷତି ନାହିଁ ?"

"କହନ୍ତୁ ଆଉ କଣ କହିବାର ଅଛି ଆପଣଙ୍କର ?"

"କହୁଛି ଶୁଣନ୍ତୁ । ସେହି ନରକ କବଳରୁ ରକ୍ଷା ପାଇବା ପାଇଁ ଗୋଟିଏ ଉପାୟ ମଧ୍ୟ ଅଛି । ବୋତଲଟା ଯେତେ ଦାମ୍‌ରେ କିଣାଯାଇଛି, ତା'ଠାରୁ କମ୍ ଦାମ୍‌ରେ ବୋତଲଟି ବିକିଦେଲେ ଆଉ ନରକରେ ଘାଣ୍ଟି ହେବାକୁ ପଡ଼ିବନି ।"

କିଉୟୀ ଟିକିଏ ଭାବି କହିଲା, "ଦେଖନ୍ତୁ, ଦୁଇଟି କଥା ବର୍ତ୍ତମାନ ସୁଦ୍ଧା ମୋତେ ସ୍ପଷ୍ଟଭାବରେ ଜଣାପଡ଼ିଲାନି । ପ୍ରଥମଟି ହେଲା, ଆପଣଙ୍କୁ ସବୁ ସମୟରେ ଦୀର୍ଘଶ୍ୱାସ ତ୍ୟାଗ କରିବାର ଦେଖୁଛି । ଆଉ ଅନ୍ୟଟି ହେଲା—ଆପଣ ଅତି ଶସ୍ତାରେ ବିକ୍ରି କରିଦେବାକୁ ବସିଛନ୍ତି ବୋତଲଟିକୁ । କାରଣ ମୁଁ ଆଗରୁ କହିଛି ଯେ ମୋ ନିକଟରେ ମୋଟେ ପଚାଶଟି ଡଲାର ଅଛି ।"

ଭଦ୍ରଲୋକ କହିଲେ, "ମୁଁ ମୋର ଦୁର୍ଭାଗ୍ୟର କଥା ଆପଣଙ୍କୁ କହୁଛି । ଦିନକୁ ଦିନ ମୋର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ୁଛି, ହୁଏତ ଯେ କୌଣସି ଦିନ ମରିଯାଇପାରେ । ଯଦି ମରିବା ଆଗରୁ ବୋତଲଟା ବିକ୍ରି କରି ନପାରେ, ତାହାହେଲେ ଅନନ୍ତକାଳ ନରକରେ ଘାଣ୍ଟି ହେବାକୁ ହେବ । ଏହା ହେଲା ମୋର ଦୀର୍ଘଶ୍ୱାସ ତ୍ୟାଗର କାରଣ ।

"ଆଉ କାହିଁକି ଏତେ ଶସ୍ତାରେ ବୋତଲଟା ବିକ୍ରି କରିବା ପାଇଁ ମୁଁ ପ୍ରସ୍ତୁତ, ତା ବି କହୁଛି ଶୁଣନ୍ତୁ । ଅନେକ ଦିନ ପୂର୍ବେ ଯେତେବେଳେ ନରକଗର୍ଭରୁ ପ୍ରଥମେ ଏହି ବୋତଲଟି ଦୁନିଆକୁ ଆସିଲା, ସେତେବେଳେ ଏହାର ମୂଲ୍ୟ ଥିଲା ଅସମ୍ଭବ ଧରଣର

ବେଶି ଏବଂ ଏହାର ପ୍ରଥମ ଖରିଦଦାର ଥିଲେ ପ୍ରେଷ୍ଟାର ଜନ୍। ଅନେକ କୋଟି ଟଙ୍କା ଦେଇ ସେ ଏହାକୁ କିଣିଥିଲେ। କିଣା ଦାମ୍‌ଠାରୁ କମ୍ ଦାମ୍‌ରେ ବିକ୍ରି ନକଲେ ଏହାକୁ ବିକ୍ରି କରିଯାଇ ପାରିବ ନାହିଁ। କେତେ ବର୍ଷ ଧରି ଏହାର ଦାମ୍ କ୍ରମେ କ୍ରମେ କମିବାରେ ଲାଗିଛି ହାତରୁ ହାତକୁ ଗଲାବେଳେ। ତେଣୁ ଏଇଟି ବର୍ତ୍ତମାନ ଭାରି ଶସ୍ତା ବୋଲି ମନେହୁଏ।

"ମୁଁ ଏହି ବୋତଲଟି କିଣିଥିଲି ମୋର ଜଣେ ପ୍ରତିବେଶୀଙ୍କଠାରୁ। ଏହି ପାହାଡ଼ର ଆରପାଖରେ ଗୋଟିଏ ବିରାଟ ଘର ଅଛି। ଆପଣ ଦେଖିଛନ୍ତି କି ନା, ଘରଟି ଠିକ୍ ରାଜପ୍ରାସାଦ ପରି। ଖୁବ୍ ବଡ଼ଲୋକ ସିଏ କେବଳ ଏହି ବୋତଲଟି ଯୋଗୁଁ। ମୁଁ ଏଇଟିକୁ କିଣିଥିଲି ମାତ୍ର ନବେଟି ଡଲାର ଦେଇ। ମୁଁ ବର୍ତ୍ତମାନ ଏହାକୁ ଅଣାନବେ ଡଲାର ଦାମ୍‌ରେ ବିକ୍ରି କରିଦେଇପାରେ; କିନ୍ତୁ ନବେ ଡଲାରଠାରୁ ଏକ ସେଣ୍ଟ ବେଶି ନେଇ ବିକ୍ରି କରି ପାରିବ ନାହିଁ। ଯଦି କରେ ତା'ହେଲେ ମୋ ନିକଟକୁ ପୁଣି ଫେରିଆସିବ ବୋତଲଟା···କିନ୍ତୁ ଯା ଭିତରେ ଗୋଟିଏ କଥା ଅଛି।

"ଧରନ୍ତୁ, ଆପଣ ଯଦି ଏହି ଗୋଟିକ ବୋତଲ ପାଇଁ ଅଶୀ ଡଲାର ଦାବି କରନ୍ତି, ତାହେଲେ ଲୋକେ ଠକ, ଜୁଆଚୋର ବୋଲି ଗାଳିଦେବେ ଆପଣଙ୍କୁ। ଅବଶ୍ୟ ବିକ୍ରି କରିବା ପାଇଁ ମୋର ସେପରି ଉତ୍କଣ୍ଠା ନାହିଁ। କାରଣ ଆଉ କୌଣସି ଗ୍ରାହକ ଯଦି ନହାତ ନ ମିଳନ୍ତି ତେବେ ଆଉ କଣ କରିଯିବ—ଶିଶି ବୋତଲ ଦୋକାନରେ ବିକ୍ରି କରିଦେବ; କିନ୍ତୁ ବୋତଲଟା ଧରି ବଜାରକୁ ଯିବା ପାଇଁ ଇଚ୍ଛା ହେଉନ ମୋର···। ହଁ ଭଲକଥା, ଗୋଟିଏ କଥା ମନେରଖିବାକୁ ହେବ···ଟଙ୍କାଗୁଡ଼ିକ କିନ୍ତୁ ନୋଟ୍ ହେଲେ ଚଳିବ ନାହିଁ; ଧାତୁରେ ହେବା ଦରକାର। ତାହାହେଲେ ଏଇଟା ବିକ୍ରି କରିଯାଇ ପାରିବ।"

କଉପ୍ପୀ କହିଲା, "କିଛି ମନେକରିବେ ନାହିଁ; କିନ୍ତୁ ଆପଣ ଯେ ମିଥ୍ୟା କହୁନାହାନ୍ତି ତାହା ଜାଣିପାରିବି କିପରି ?"

"ତାହାର ପ୍ରମାଣ ମୁଁ ଏହିକ୍ଷଣି ଦେଖାଇ ଦେଇପାରେ । ମୋ କଥାରେ ବିଶ୍ୱାସ ନ ହେଲେ ସତ୍ୟ ମିଥ୍ୟା ପରୀକ୍ଷା କରିପାରନ୍ତି ନିଜେ । ପରୀକ୍ଷା ନକରି କାହିଁକି ଆପଣ କିଣିବେ ?"

"ତାହେଲେ ଆପଣଙ୍କର କଥା ବର୍ତ୍ତମାନ ପ୍ରମାଣ କରି ପାରିବେ ଆପଣ ?"

"ନିଶ୍ଚୟ—ନହେଲେ ଆଉ କହୁଛି କାହିଁକି ? ପଚିଶ ଡଲାର ନେଇ ବୋତଲଟାକୁ କିଣି ନେଇଯାଆନ୍ତୁ ଆପଣ ଅନ୍ତତଃ କିଛି ସମୟ ପାଇଁ । ତା'ପରେ ଏହାର ଶକ୍ତି ପରୀକ୍ଷା କରିବା ପାଇଁ ବୋତଲର ଭୂତକୁ ହୁକୁମ ଦିଅନ୍ତୁ ମୋର ପଚିଶ ଡଲାର ମୁଁ ଫେରି ପାଇବାକୁ ଚାହେଁ, ତା'ହେଲେ ସତ୍ୟ-ମିଥ୍ୟା ବୁଝିପାରିବେ ଆପଣ । ଯଦି ସେହି ପଚିଶ ଡଲାର ଆପଣଙ୍କ ନିକଟକୁ ଫେରି ନଆସେ, ତେବେ ମୁଁ ହଲପ କରି କହୁଛି ,ଆପଣଙ୍କୁ ଆପଣଙ୍କର ଟଙ୍କା-କଉଡ଼ି ଫେରାଇଦେବି ।"

ତଥାପି କଉପ୍ପୀ ମନରୁ ସନ୍ଦେହ ଗଲାନି । ସେ କହିଲା, "ସତ କହନ୍ତୁ, ମୋତେ ଆପଣ ଠକୁନାହାନ୍ତି ତ ?"

ଭଦ୍ରଲୋକଟି କହିଲେ, "ସେହିପରି ମନ୍ଦ ଉଦ୍ଦେଶ୍ୟ ମୋର ନାହିଁ । ଆଉ ଭଗବାନ କରନ୍ତୁ, ମନ୍ଦ ଉଦ୍ଦେଶ୍ୟ କେବେ ଯେପରି ସ୍ଥାନ ନପାଉ ମୋ ମନରେ ।"

କଉପ୍ପୀ ପରୀକ୍ଷା କରିବାକୁ ଭାବି ବାହାରକଲା ପକେଟରୁ ତାର ସମ୍ବଳ ପଚିଶ ଡଲାର । ଭଦ୍ରଲୋକ ତା ହାତରୁ ଟଙ୍କାଗୁଡ଼ିକ ଝାମ୍ପି ନେଇ ବୋତଲଟି ବଢ଼ାଇଦେଲେ କଉପ୍ପୀ ହାତକୁ ।

ତା’ପରେ କଉଫୀ ବୋତଲର ଭୂତକୁ ତାର ପ୍ରଥମ ହୁକୁମ ଦେଲ; “ଏ ବୋତଲଭୂତ, ଶୀଘ୍ର ମୋର ସେହି ପଚିଶ ଡଲର ଫେରାଇଦେ ତ ।” କି ଆଶ୍ଚର୍ଯ୍ୟ ! ପାଟିରୁ କଥା ନସରୁଣୁ ତାର ପ୍ଲାଷ୍ଟିକ ପକେଟ ଭିତରକୁ ଚାଲିଆସିଲା ତା.ର ସେହି ପଚିଶ ଡଲର ।

କଉଫୀ କହିଲା, “ହଁ, ଏଥର ନିଃସନ୍ଦେହରେ ସ୍ୱୀକାର କରିବାକୁ ହେବ ଯେ ଏଇଟା ଗୋଟାଏ ଅଦ୍ଭୁତ ବୋତଲ ।” ଏଥର ବୋତଲଭୂତକୁ କେବଳ ଗୋଟିଏ ଘର ମାଗିବ । ତା’ପରେ ଗୋଟିଏ ଗ୍ରାହକ ଦେଖି ବିକ୍ରି କରିଦେବ; ଅର୍ଥାତ୍ ଏହି ନରକ କବଳରେ ମୁଁ ରହିବ ନାହିଁ ।”

“ତା’ହେଲେ ନମସ୍କାର !” ଏଥର ଆନନ୍ଦରେ ଅଧୀର ହୋଇ ଉଠିଲେ ଭଦ୍ରଲୋକ । ନରକର ଭୂତଟା ତା’ହେଲେ ଏତେ ଦିନେ ବିଦାୟ ନେଲା ମୋଠାରୁ ଏବଂ ଆପଣଙ୍କ କାନ୍ଧରେ ସବାର ହେଲା । ଯାହା ହେବାର ହେବ । ଅଚ୍ଛା ନମସ୍କାର !”

“ଥାଉ ମହାଶୟ, ଥାଉ ।” କଉଫୀ ବିଚଳିତ ହୋଇ ଉଠିଲା । ସେ ଭଦ୍ରଲୋକଙ୍କୁ କହିଲା, “ମୋର ଏହି ଭୂତବୋତଲ ଦରକାର ନାହିଁ । ଆପଣ ଫେରାଇ ନିଅନ୍ତୁ ।”

ତା’ ହାତକୁ ଧରିପକାଇ ଭଦ୍ରଲୋକ କହିଲେ, “ମୁଁ ଯେତେ ଦେଇ ଏହି ବୋତଲଟା କିଣିଥିଲି, ତା’ଠାରୁ କମ୍ ଦାମ୍ ଦେଇ ବୋତଲଟା ଆପଣ କିଣିନେଇଛନ୍ତି ; ଫଳରେ ଏଇଟା ବର୍ତ୍ତମାନ ଆପଣଙ୍କର । ବର୍ତ୍ତମାନ ଆପଣ ଆପଣଙ୍କର ଏହି ନରକର ବୋତଲଟି ନେଇ ଏଠାରୁ ବିଦାୟ ନେଲେ ମୁଁ ଆନନ୍ଦିତ ହେବ ।”

ଏହା କହି ସେ ତାଙ୍କ ଚାକର ଦ୍ୱାରା କଉଫୀକୁ ତାଙ୍କ ଘରୁ ବାହାର କରିଦେଲେ ।

## ଗୃର

ଭୌତିକ ବୋତଲଟାକୁ କାଖରେ ଜାକି କଉପ୍ରୀ ଯେତେ-ବେଳେ ଘରଦ୍ୱାରରେ ଆସି ଠିଆହେଲା, ସେତେବେଳେ ଦେଖାଗଲା ଚିନ୍ତାରେ ଆଚ୍ଛନ୍ନ ହୋଇଯାଇଛି ତାର ମୁହଁଟି ସାରା; ପୂର୍ବର ଆନନ୍ଦ ଉଡ଼ିଭଇଯାଇଛି ତା ମୁହଁରୁ । ଜଣାଯାଉଛି ଯେପରି ଅମାବାସ୍ୟା ରାତିର କାଳିମା ବୋଳିହୋଇଯାଇଛି ତା ମୁହଁରେ ।

ଘଟଣାଟା ସେତେବେଳ ପର୍ଯ୍ୟନ୍ତ ତାର ବିଶ୍ୱାସ ହେଉ ନଥିଲା ।

ଆଲ୍ଲାଦିନର ଆଶ୍ଚର୍ଯ୍ୟ ପ୍ରଦୀପ କାହାଣୀ ବହୁ ପଢ଼ିଥିଲା ସେ । ଏହି ବୋତଲଟା କଣ ସେହିପରି ଗୋଟିଏ କିଛି ! ଯାହା ଦରକାର, ତାହା ମିଳିବ ? ନାଁ, ତାହା କଣ କେବେହେଲେ ସମ୍ଭବ ?

କିନ୍ତୁ···

ସେ ଭଲଭାବେ ଓଲଟପାଲଟ କରି ଦେଖିଲା ବୋତଲଟିକୁ ।

ଦୁଧ ପରି ଡୋଫା ଧଳା—ପ୍ରତି ମୁହୂର୍ତ୍ତରେ ଝଲସିଉଠୁଛି ଇନ୍ଦ୍ରଧନୁର ନାନା ରଙ୍ଗ ସେହି ଧଳା ବୋତଲଟା ଭିତରେ; ଫଳରେ ବାରମ୍ବାର ରଙ୍ଗ ବଦଳିଯାଉଛି ସେହି ବୋତଲଟାର । ତା' ଭିତରେ ଦାଉ ଦାଉ ହୋଇ ଜଳିଉଠୁଛି ନିଆଁ ଏବଂ ସେହି ନିଆଁ ଭିତରେ ଘୂରିବୁଲୁଛି ଗୋଟିଏ ଅନ୍ଧକାର କଳା ଛାଇ । ପ୍ରକୃତରେ ବୋତଲଟି ଆଶ୍ଚର୍ଯ୍ୟ ରକମର । ଏଇଟି ନିଶ୍ଚୟ ନରକର ବୋତଲ ।

ନରକର !

କଥାଟା ମନେପଡ଼ିବାକ୍ଷଣି ବିବର୍ଣ୍ଣ ହୋଇଗଲା କଉପ୍ରୀର ମୁହଁଟି ।

ବୋତଲଟା ସମ୍ବନ୍ଧରେ ଯାହା କିଛି ଶୁଣିଛି, ସେହି ବୃଦ୍ଧ ଭଦ୍ରଲୋକଙ୍କଠାରୁ, ତାହା ଯଦି ସତ୍ୟ ହୁଏ, ତାହେଲେ ତ ଭୀଷଣ ବିପଦରେ ପଡ଼ିବାକୁ ହେଲା । ଅନନ୍ତ କାଳ ଧରି ନରକର ନିଆଁରେ···ବାପ୍‌ରେ, ଭାବିଲେ ହୃତ୍‌କମ୍ପ ହୁଏ ।

କିନ୍ତୁ ଭଦ୍ରଲୋକ ବୋକା ବନେଇନି ତ ମୋତେ ?

ଏହି କଥା ମନେପଡ଼ିଯିବାକ୍ଷଣି କଉସ୍ପୀ ତାର ପକେଟରୁ ଡଲାରଗୁଡ଼ିକ ବାହାର କରି ଗଣିବା ଆରମ୍ଭ କରିଦେଲା—ନାଁ, ଡଲାର ତ ଠିକ୍ ଅଛି । ବୋତଲ ସମ୍ପର୍କରେ ସବୁ କିଛି ହିଁ ସତ୍ୟ । କଉସ୍ପୀ ମନକୁ ମନ କହିଲା, ଆଚ୍ଛା, ଆଜି ଥରେ ପରୀକ୍ଷା କରି ଦେଖାଯାଉନା ।

ସେତେବେଳେ ଦ୍ୱିପ୍ରହର ସମୟ । କଉସ୍ପୀ ଛିଡ଼ା ହୋଇ-ଥିଲା ରାସ୍ତା ଉପରେ । ରାସ୍ତାର ଧାରଟା ଜାହାଜର ଡେକ୍ ପରି ପରିଷ୍କାର । ଦ୍ୱିପ୍ରହର ହୋଇଥିଲେ ସୁଦ୍ଧା ରାସ୍ତାରେ ଜନପ୍ରାଣୀ କେହି ଦେଖାଯାଉ ନ ଥିଲେ । ସେହି ନିର୍ଜନ ରାସ୍ତାରେ ଗୋଟିଏ ପାଖରେ ବୋତଲଟା ଥୋଇଦେଇ କଉସ୍ପୀ ଘୁଞ୍ଚିଗଲା ଦୂରକୁ । ତା'ପରେ ଚାଲିଲା ଆଗକୁ । କିଛି ବାଟ ଯିବା ପରେ ତା ପିଠରେ ଲାଗିଲା ଧକ୍‌କା । "ଉଃ"···ଚିତ୍କାର କରିଉଠିଲା କଉସ୍ପୀ । ସଙ୍ଗେ ସଙ୍ଗେ ପଛକୁ ଚାହିଁ ଦେଖିଲା, ଭୌତିକ ବୋତଲଟା ହାଜର ହୋଇ ଯାଇଛି ତା ପଛରେ । ଚାହୁଁ ଚାହୁଁ ସେହି ବୋତଲଟା ଲମ୍ଫଦେଲା କଉସ୍ପୀର ପୋଷାକ ଉପରକୁ ଏବଂ ସଙ୍ଗେ ସଙ୍ଗେ ପଶିଗଲା କଉସ୍ପୀର ପକେଟ୍ ଭିତରେ ।

କଉସ୍ପୀ ଚାଲିବାକୁ ଆରମ୍ଭ କଲା । ଚାଲୁ ଚାଲୁ ମନକୁ ମନ କହିଲା, ତା'ହେଲେ ବୋତଲଟି ସମ୍ବନ୍ଧରେ ଯାହା କିଛି ଶୁଣିଛି ସବୁ ସତ ।

ରାସ୍ତାରେ କିଛି ବାଟ ଯିବା ପରେ ପଡ଼ିଲା ଗୋଟିଏ ମନୋହର ଦୋକାନ । ସେହି ଦୋକାନରୁ କଉସ୍ତୀ କିଣିଲା ଗୋଟିଏ ଶିଶି-ବୋତଲ ଠିପି ଖୋଲିବାର ସ୍କ୍ରୁ । ସେହି ଭୌତିକ ବୋତଲ ଓ ସ୍କ୍ରୁଟି ନେଇ ଗଲା ଏକ ନିର୍ଜନ ସ୍ଥାନକୁ । ସ୍କ୍ରୁଟି ଠିପିରେ ପୂରାଇ ଖୋଲିବାକୁ ଚେଷ୍ଟାକଲା ବୋତଲଟିକୁ । ସ୍କ୍ରୁଟି ଠିପି ଭିତରେ ପଶିବା ସଙ୍ଗେ ସଙ୍ଗେ କିଏ ସେପଟରୁ ସ୍କ୍ରୁଟାକୁ ଠେଲି ପଦାକୁ ବାହାର କରିଦେଲା । କଉସ୍ତୀ ବାରମ୍ବାର ଠିପି ଖୋଲିବାକୁ ଚେଷ୍ଟାକଲା; କିନ୍ତୁ ସେ ପାରିଲାନି ।

ଏହା ଦେଖି ଭୟ ପାଇଗଲା କଉସ୍ତୀ । କ୍ରୋଧ ଓ ଭୟରେ ବୋତଲଟିକୁ ଖୁବ୍ ଜୋର୍‌ରେ ହଲାଇଦେଲା ଅନେକ ଥର; କିନ୍ତୁ ହେଲା କଣ ?

କଉସ୍ତୀ ଅନୁତାପ କଲା ଏହି ଭୌତିକ ବୋତଲଟା କିଣିଥିବା ଯୋଗୁଁ । କି ବୋକା ନୁହେଁ ସେ ! ବୋତଲରେ ଥିବା ଭୂତ ନିକଟରେ ନିଜର ଆତ୍ମା ବିକ୍ରି କରି ତାର ସ୍ଥାନ ଦଖଲ କରିବା ଅର୍ଥ ଅନନ୍ତକାଳ ନରକ-ଯନ୍ତ୍ରଣା ଭୋଗକରିବା । ଯେଉଁ ଆନନ୍ଦ ମନରେ ସେ ବୋତଲଟି କିଣିଥିଲା, ତାହା ପରିଣତ ହେଲା ବିଷାଦରେ ।

ସେ ସ୍ଥିର କଲା—ଯେ କୌଣସି ଉପାୟରେ ସେ ସେହି ବୋତଲ କବଳରୁ ମୁକ୍ତି ପାଇବ ।

ବନ୍ଦର ଆଡ଼କୁ ଫେରିବା ବାଟରେ ପଡ଼ିଲା ଗୋଟିଏ ବଡ଼ ଦୋକାନ । ଦୋକାନ ଭିତରକୁ ଯାଇ ସେ ମାଲିକକୁ କହିଲା, "ଏହି ବୋତଲଟା ଅତି ଆଶ୍ଚର୍ଯ୍ୟ ଧରଣର; କିନ୍ତୁ ମୋର ଅର୍ଥାଭାବ ଘଟିଛି । ତେଣୁ ଶହେ ଡଲାର ପାଇଲେ ଏହି ଆଶ୍ଚର୍ଯ୍ୟ ବୋତଲଟିକୁ ମୁଁ ବିକ୍ରି କରିଦିଅନ୍ତି ।"

ଦୋକାନୀ କଉସ୍ପୀର କଥା ଶୁଣି ହସି ହସି ଗଡ଼ିଗଲା । କିଛି ସମୟ ପରେ ସେ କଉସ୍ପୀ ଆଡ଼କୁ ଚାହିଁ କହିଲା, "ଗୋଟିଏ ବୋତଲର ଦାମ୍ ଶହେ ଡଲାର ? ପାଗଳ ନା କଣ ?"

"ନା, ମୁଁ ମୋଟେ ପାଗଳ ନୁହେଁ, ବୋତଲଟା ଥରେ ପରୀକ୍ଷା କଲେ ଆପଣ ଜାଣିପାରିବେ ତାର କରାମତି ।"

ଦୋକାନୀ କଉସ୍ପୀ ହାତରୁ ବୋତଲଟି ନେଇ ଟିକିଏ ଓଲଟପାଲଟ କରିବା ପରେ କହିଲା, "ବାସ୍ତବରେ ବୋତଲଟା ଅଦ୍ଭୁତ ପରି ଜଣାଯାଉଛି । ଅଦ୍ଭୁତ ନହୋଇଥିଲେ ଦୁଧିଆ ରଙ୍ଗ ବୋତଲଟା ଭିତରେ ନାନା ରଙ୍ଗ ଦେଖାଯାଆନ୍ତା କାହିଁକି ? ଏହି ରଙ୍ଗ ମଧ୍ୟରେ ଗୋଟିଏ କଳା ଛାଇ ଘୂରିବୁଲୁଥାନ୍ତା କାହିଁକି ?"

ଦୋକାନୀଠାରୁ ଏତିକ ଶୁଣିସାରି କଉସ୍ପୀ କହିଲା, "କେବଳ ଏତକ ନୁହେ । ଆହୁରି ଅନେକ ଆଶ୍ଚର୍ଯ୍ୟ କଥା ଆପଣ ବୋତଲଟି ସମ୍ବନ୍ଧରେ ଜାଣିପାରିବେ । ଆଚ୍ଛା ! ଆପଣ ବୋତଲଟି ଭାଙ୍ଗି ଦେଇ ପାରିବେ ?"

"କଣ କହିଲ ? କାଚ ବୋତଲଟା ଭାଙ୍ଗି ଦେଇ ପାରିବନି ?"

"ତାହେଲେ ଚେଷ୍ଟା କରି ଦେଖନ୍ତୁ ତ ! ଯଦି ଭାଙ୍ଗି ଦେଇ ପାରିବେ, ତେବେ ମୋ ବୋତଲଟି ଯିବ । ଆପଣଙ୍କୁ କୌଣସି ଦାମ୍ ଦେବାକୁ ପଡ଼ିବ ନାହିଁ ।"

ଦୋକାନୀ ସଦର୍ପରେ ବୋତଲଟି ନେଇ ପିଟିଦେଲା ଖଣ୍ଡିଏ ପଥର ଉପରେ; କିନ୍ତୁ କି ଆଶ୍ଚର୍ଯ୍ୟ ! ···ବୋତଲଟା ଭାଙ୍ଗିଯିବା ପରିବର୍ତ୍ତେ ଡେଇଁପଡ଼ିଲା ଫୁଟ୍‌ବଲ ପରି । ଥରେ ନୁହେଁ, ଦୁଇ ଥର ନୁହେଁ, ବାରମ୍ବାର ଦୋକାନୀ ଚେଷ୍ଟାକଲା ବୋତଲଟି ଭାଙ୍ଗିଦେବା ପାଇଁ; କିନ୍ତୁ ସେ ଆଦୌ କୃତକାର୍ଯ୍ୟ ହେଲାନି ।

ଏହା ଦେଖି ଦୋକାନୀ କହିଲା, "ବୋତଲଟି ଯେ ଅଦ୍ଭୁତ, ତାହା ମୁଁ ସ୍ୱୀକାର ନକରି ରହିପାରୁନାହିଁ ; କିନ୍ତୁ ଯେତେ ଅଦ୍ଭୁତ ହେଲେ ମଧ୍ୟ ମୁଁ ଷାଠିଏ ଡଲାରରୁ ଅଧିକ ଦେଇପାରିବି ନାହିଁ । ଇଚ୍ଛା ହେଲେ ବିକ୍ରି କର, ନହେଲେ ବୋତଲଟି ନେଇ ଚାଲିଯାଅ ।"

କିଉୟୀ ଚାହୁଁଛି ଯେ କୌଣସି ଉପାୟରେ ବୋତଲଟା ତା' ହାତରୁ ଖସାଇ ଦେବାପାଇଁ । ତେଣୁ ସେ ଆଉ ଦର କଷାକଷି ନକରି ସେହି ଷାଠିଏ ଡଲାରରେ ବୋତଲଟି ବିକ୍ରି କରିଦେବା ପାଇଁ ରାଜିହେଲା ।

ଦୋକାନୀ କିଉୟୀ ହାତରେ ଷାଠିଏ ଡଲାର ଗୁଞ୍ଜିଦେଇ ଅତି ଆନନ୍ଦରେ ବୋତଲଟି ନେଇଗଲା ତା' ହାତରୁ । ସଙ୍ଗେ ସଙ୍ଗେ ସାଇତି ରଖିଲା ବୋତଲଟିକୁ ତାର କାଚ ଆଲମାରି ଭିତରେ ତାଲା ଚାବି ପକାଇ ।

ଏଣେ କିଉୟୀର ଆନନ୍ଦ କହିଲେ ନସରେ । ଯେ କୌଣସି ଉପାୟରେ ବୋତଲଟି ତା ହାତରୁ ଖସାଇଦେବା ପାଇଁ ସେ ଚେଷ୍ଟା କରୁଥିଲା । ବୋତଲଟା କେବଳ ଯେ ତା ହାତରୁ ଖସିଗଲା ତା ନୁହେଁ; ତାର ଲାଭ ମଧ୍ୟ ହେଲା । ସେ ଯେଉଁ ପଚାଶ ଡଲାର ଦେଇ କିଣିଥିଲା, ସେଇତକ ବୋତଲଭୂତ ତାକୁ ଆଗରୁ ଫେରାଇ ଦେଇଛି । ବର୍ତ୍ତମାନ ତାର ଲାଭ ଷାଠିଏ ଡଲାର । ସେ ଆନନ୍ଦ ମନରେ ପାଦ ଆଗକୁ ପକାଇ ଚାଲିଲା ଜାହାଜଘାଟ ଆଡ଼କୁ । କିନ୍ତୁ ଏହି ଆନନ୍ଦ ହେଲା କ୍ଷଣସ୍ଥାୟୀ । କିଛି ବାଟ ଚାଲିବା ପରେ ହଠାତ୍ ତାର କଣ ଗୋଟିଏ କଥା ମନେପଡ଼ିଗଲା । ସଙ୍ଗେ ସଙ୍ଗେ ମଳିନ ପଡ଼ିଗଲା ମୁହଁଟି ତାହାର । ସେ ଆଉ ଆଗକୁ ପାହୁଣ୍ଡେ ପାଦ ପକାଇପାରିଲା ନାହିଁ ।

## ପାଞ୍ଚ

ସେଇଠି ଠିଆହୋଇ ଭାବିବାକୁ ଲାଗିଲା କଉସ୍ତୀ । ଯେତେ ଅଧିକ ଭାବିଲା, ସେତେ ବେଶି ତାର ଛାତି ଦୁର୍‌ଦୁର୍ ହୋଇ କମ୍ପି ଉଠିଲା ।

ବୃଦ୍ଧ ଭଦ୍ରଲୋକ ତାକୁ କହିଥିଲେ ନରକ କବଳରୁ ରକ୍ଷା ପାଇବା ପାଇଁ ଏକମାତ୍ର ଉପାୟ ହେଲା କିଣାଦାମ୍‌ଠାରୁ କମ୍ ଦାମ୍‌ରେ ବୋତଲଟି ବିକ୍ରି କରିବା । ତା ନକଲେ ବୋତଲଟି ପୁଣି ଫେରିଆସିବ ପୂର୍ବ ମାଲିକ ନିକଟକୁ । ଇସ୍, କି ସାଙ୍ଘାତିକ ଭୁଲ କଲା ସେ । ବୋତଲଟା ନିଶ୍ଚୟ ତା ପାଖକୁ ଫେରିଆସିବ । ତେବେ ବୋତଲଟା ତାଲାପଡ଼ିଥିବା ଆଲମାରି ଭିତରୁ ବାହାରକୁ ଆପଣା-ଛାଏଁ ଆସିବ କିପରି ? କିନ୍ତୁ ଭୌତିକ ବୋତଲ ପକ୍ଷରେ ଅସାଧ୍ୟ କଣ ?

ଯାହା ହେବାକୁ ଥିବ ତାହା ହେବ ଭାବି କଉସ୍ତୀ ଆଗେଇଗଲା ବନ୍ଦର ଆଡ଼କୁ । ଚାଲିଲାବେଳେ ବେଳେବେଳେ ପଛକୁ ଚାହିଁ ଦେଖେ ବୋତଲଟି ତା ପଛରେ ଆସୁଛି କି ? ନା, ବୋତଲ-ଫୋତଲର ତ ଦେଖାନାହିଁ । ଯାହାହେଉ, ରକ୍ଷାହେଲା ବୋଲି ଭାବି କଉସ୍ତୀ ଖୁବ୍ ଶୀଘ୍ର ଶୀଘ୍ର ଚାଲିଲା ଜାହାଜ ଭିତରକୁ । ଜାହାଜ ଭିତରକୁ ଯାଇ ସିଧା ପଶିଗଲା ତା କେବିନ୍ ଭିତରେ । ସେଇଠି ଥିଲା ତାର ଗୋଟିଏ ଛୋଟ ବାକ୍‌ସ । ସେଇ ବାକ୍‌ସଟିରେ ଟଙ୍କା ତକ ରଖିବାପାଇଁ ତାହା ଖୋଲିଦେବାକ୍ଷଣି ସେ ଚମକି ଉଠିଲା—ଆରେ, ବାକ୍‌ସ ଭିତରକୁ ସେହି ଅଦ୍ଭୁତ ବୋତଲଟି ଆସିଲା କିପରି ?

କଉସ୍ତୀ ନିକଟରେ ଠିଆହୋଇଥିଲା ନାବିକ ଲୋପାକା । କଉସ୍ତୀର ଭାବଭଙ୍ଗି ଦେଖି କହିଲା, "ଘାବରେଇ ଯାଉଛ କାହିଁକି ? କଣ ହେଲା କି ?"

"ହେଲା କଣ ? ତୁମେ ଏହି ବୋତଲଟି ମୋ ବାକ୍ସ ଭିତରେ ରଖିଛ ।"

"ନା, ମୁଁ କାହିଁକି ତୁମ ବାକ୍ସ ଭିତରେ ବୋତଲଟି ରଖିବି ?"

"ତେବେ ଆଉ ରଖିଲା କିଏ ଏହି ଭୌତିକ ବୋତଲଟି ?"

"କଣ କହିଲ, ଭୌତିକ ବୋତଲ ? ତାର ମାନେ ?"

କଉପ୍ପୀ ଭୌତିକ ବୋତଲ ସମ୍ବନ୍ଧରେ ଯାହା ସବୁ ଜାଣିଥିଲା ଓ ଅଙ୍ଗେ ନିଭାଇଥିଲା, ତାହା ସବୁ ବିଶଦଭାବରେ ବର୍ଣ୍ଣନା କଲା ଲୋପାକା ସାମନାରେ ।

ସବୁ ଶୁଣିସାରି ଲୋପାକା କହିଲା, "ବଡ଼ ଅଦ୍ଭୁତ ତ !" କିଛିକ୍ଷଣ ନୀରବ ରହି ପୁଣି ସେ କହିଲା, "ମୋର ମନେହେଉଛି, ପରେ ହୁଏତ ଏହି ଭୌତିକ ବୋତଲଟିକୁ ନେଇ ତୁମକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ; କିନ୍ତୁ ତୁମେ ଯାହା କହିଲ, ତାହା ଯଦି ସତ୍ୟ ହୋଇଥାଏ ତାହେଲେ ବିବ୍ରତ ହେବାର କାରଣ ମୁଁ କିଛି ଦେଖିପାରୁନି । ସୁବିଧା ଦେଖି ସେଇଠାକୁ ବିକି କରିଦେଲେ ଚଳିବ । ତେବେ ମୁଁ କଣ କହୁଛି କି, ବୋତଲଦ୍ୱାରା ତୁମେ ତୁମର ଯାହା ହାସଲ କରିବା କଥା, କରିନିଅ । ବିକିବା ପୂର୍ବରୁ ଯଦି ତୁମର ହୁକୁମ ଅନୁଯାୟୀ ଭୂତଟି ସବୁ କାମ କରିଦେବ, ତେବେ ମୁଁ ତୁମକୁ କଥା ଦେଉଛି, ଏହି ଭୌତିକ ବୋତଲଟିର ଗ୍ରାହକ ମୁଁ ହେବି; କାରଣ ମୋର ବହୁଦିନର ଇଚ୍ଛା ଗୋଟିଏ ଜାହାଜ କିଣି ଦେଶବିଦେଶରେ ବଣିଜ କରିବା ।"

କଉପ୍ପୀ କହିଲା, "କଥାଟା ମନ୍ଦ ନୁହେଁ । କୋନା ବନ୍ଦରରେ ଯଦି ଗୋଟିଏ ଚମତ୍କାର ବଗିଚା ଥିବା ଘର ମିଳନ୍ତା, ତେବେ ନିହାତି ମନ୍ଦ ହୁଅନ୍ତାନି । ସେଇଠି ମୁଁ ଜନ୍ମ ହୋଇଥିଲି କି ନା;

ସେଇଥିପାଇଁ ସେ ସ୍ଥାନଟି ଉପରେ ମୋର ଗୋଟାଏ ମମତା ଅଛି । ସେଇଠି ଯଦି ଏହିପରି ଘରଖଣ୍ଡିଏ ମୋର ହୁଏ, ଯାହାର ବଗିଚାରେ ଫୁଟିଥିବ ନାନା ରଙ୍ଗର ଫୁଲ, ପ୍ରତିଟି ଝରକାରେ ଲଗିଥିବ ଜରିର ଝାଲରଦିଆ ମଖମଲ ପରଦା, କାନ୍ଥରେ ଝୁଲୁଥିବ ଦୁନିଆର ଶ୍ରେଷ୍ଠ ଶ୍ରେଷ୍ଠ ଛବି, ତଳେ ବିଛାହୋଇଥିବ ଦାମୀ କାର୍ପେଟ, ଆଉ ଘରଟି ହେବ ଦୋତାଲା—ରାଜପ୍ରାସାଦ ପରି, ଚାରିପଟେ ଥିବ ବାରଣ୍ଡା, ଆଉ ସେଇଠି ବସି ବନ୍ଧୁବାନ୍ଧବମାନଙ୍କ ସହିତ ଆଲୋଚନା କରିବ ରାତିଦିନ—ଓଃ ! ଭାବିଲେ କି ଆନନ୍ଦ ।"

ଲୋପାକା କହିଲା, "ଠିକ୍ କହିଛ । ଯଦି ସତକୁ ସତ ଏହିପରି ଖଣ୍ଡିଏ ଘର ତୁମକୁ ଦେଇପାରେ ଏଇ ବୋତଲଭୂତ, ତା'ହେଲେ ଭାଇ, ମୁଁ ଏଇ ବୋତଲକୁ କିଣିବି । ତାପରେ ମାଲିକ ହେବି ବିରାଟ ଗୋଟିଏ ଜାହାଜର । ସଫଳ ହେବ ମୋର ସାରା ଜୀବନର ସ୍ୱପ୍ନ ।"

କିଉୟୀ ସଙ୍ଗେ ସଙ୍ଗେ ଅନ୍ୟ କଥା ପକାଇ କହିଲା, "ଆମ ଜାହାଜ କେବେ ହାଓ୍ୱାଇ ଯିବ କହିଲ ?"

"କାଲି ଭୋର୍‌ରୁ ।"

ତହିଁଆରଦିନ ଭୋର୍‌ରୁ ଜାହାଜ ନଙ୍ଗର ଉଠାଇ ଯାତ୍ରା ଆରମ୍ଭ କଲା ହାଓ୍ୱାଇ ଦ୍ୱୀପ ଅଭିମୁଖରେ । ଜାହାଜ ଚାଲିଛି ଜଳର ଢେଉ କାଟି କାଟି । ଆଉ ସେତିକିବେଳେ ବୋତଲ ଭିତରର ଅନ୍ଧକାର କଳାଗୁଇ ଉନ୍ମତ୍ତ ହୋଇ ଡେଇଁବାକୁ ଲାଗିଲା । ଏହି ଡିଆଁଡେଇଁବେଳେ ବୋତଲ ଭିତରେ ଜଳିଲା ଲୋହିତ ଅଗ୍ନିର ଲେଲୁପ ଶିଖା ।

କେଜାଣି କାହିଁକି କିଉୟୀର ମନେହେଲା, ବୋତଲର ଭୂତଟା କୌଣସି ଦୁଷ୍ଟାର୍ଥ୍ୟର ମତଲବ ନେଇ ଏହିପରି ହେଉଛି ।

ଏହି ଚିନ୍ତା ତା ମନରୁ ଦୂର କରିବା ପାଇଁ ବାରମ୍ବାର ଚେଷ୍ଟାକଲା କଉପୁଟୀ; କିନ୍ତୁ ଏହା ଦୂରହେବା ପରିବର୍ତ୍ତେ ବୃଦ୍ଧି ପାଇବାକୁ ଲାଗିଲା କ୍ରମଶଃ । ଫଳରେ ତା ମୁହଁରେ ମଳିନତା ଦେଖାଗଲା ଅଧିକ ।

ହଠାତ୍ ଲୋପାକାର ଦୃଷ୍ଟି ପଡ଼ିଗଲା କଉପୁଟୀ ଉପରେ । ସେ ସଙ୍ଗେ ସଙ୍ଗେ କହିପକାଇଲା, "ବନ୍ଧୁ ! ଘଟଣା କଣ ? ତୁମ ମୁହଁ କାହିଁକି ମଳିନ ହୋଇଯାଇଛି ?"

କଉପୁଟୀ କିଛି ଖୋଲି କହିଲା ନାହିଁ ତାକୁ । ଭାବିଲା ତାର ଦୁର୍ଭାବନା କଥା ଶୁଣିଲେ, ହୁଏତ ଲୋପାକା ତାକୁ ଥଟ୍ଟା କରିବ । କହିଲାନି ସିନା, ତା ମନରୁ ବିପଦର ଆଶଙ୍କା ଦୂର ହେଲାନି । ତାର ମନେହେଲା ଭୀଷଣ ବିପଦ ତା ଆଡ଼କୁ ମାଡ଼ିଆସୁଛି ।

## ଛଅ

ହନଲୁଲୁରେ କଉପୁଟୀ ପାଇଁ ଯେଉଁ ଦୁଃସମ୍ବାଦ ଅପେକ୍ଷା କରିଥିଲା, ତାହା ସେ କଳ୍ପନା କରିନଥିଲା ।

ଘରରେ ଓହ୍ଲାଇବା ସଙ୍ଗେ ସଙ୍ଗେ କଉପୁଟୀ ସହିତ ଦେଖା ହୋଇଗଲା ତାର ଜଣେ ବନ୍ଧୁଙ୍କର । ବନ୍ଧୁଜଣକ ତାକୁ ଦେଖିବାକ୍ଷଣି ଆରମ୍ଭ କରିଦେଲେ କାନ୍ଦାକଟା ।

ଆଶ୍ଚର୍ଯ୍ୟ ହୋଇ କଉପୁଟୀ ପଚାରିଲା, "ଘଟଣା କ'ଣ ? ମୋତେ ଦେଖି କାନ୍ଦିଲ କାହିଁକି ?"

ବନ୍ଧୁଜଣକ କହିଲେ, "ତୁମର କକେଇ ମରିଯାଇଛନ୍ତି । ଆଉ ତାଙ୍କର ଏକମାତ୍ର ପୁଅ, ତୁମର କକେଇପୁଅ ଭାଇ ମଧ୍ୟ ସମୁଦ୍ରରେ ବୁଡି ମରିଯାଇଛନ୍ତି ।

ଏ ଖବର ଶୁଣି କଉଆଁର ମୁଣ୍ଡ ଉପରେ ଯେପରି ଆକାଶ ଭାଙ୍ଗିପଡିଲା । ଛୋଟ ପିଲାଙ୍କ ପରି ସେ କାନ୍ଦିବାକୁ ଆରମ୍ଭ କରିଦେଲା । ଦୁନିଆରେ ତାର ବୋଲି ଆଉ କେହି ରହିଲେ ନାହିଁ ।

ଲେପାକା ବୁଝିପାରିଲା, ଏହି ଅବସ୍ଥାରେ କଉଆଁକୁ ସାନ୍ତ୍ୱନା ଦେଇ ଲାଭ ନାହିଁ । ତେଣୁ ସେ ନୀରବ ରହିଲା ।

ଅବଶେଷରେ କଉଆଁର କାନ୍ଦ ଯେତେବେଳେ ଟିକିଏ କମିଲା, ସେତେବେଳେ ଲେପାକା କହିଲା, "ଆଚ୍ଛା ଭାଇ, ତୁମ କକେଇଙ୍କର କଣ ହାଓ୍ୱାଇ ଦ୍ୱୀପରେ କୌଣସି ଜାଗାରେ ଜମିଦାରୀ ଥିଲା ?"

"ନା, ଠିକ୍ ହାଓ୍ୱାଇ ଦ୍ୱୀପରେ ନୁହେଁ । ପାହାଡ଼ ତଳେ, ହିକେନାର ସାମାନ୍ୟ ଦକ୍ଷିଣରେ ଜମିଦାରୀ ଅଛି ।"

"ଏହିସବୁ ସମ୍ପତ୍ତି ତ ବର୍ତ୍ତମାନ ତୁମର ହେବ ?"

"ତାହା ସତ, କିନ୍ତୁ ମୁଁ ତ ତାହା ଚାହୁଁନି ।" ଏତିକି କହି ସେ ପୁଣି କାନ୍ଦିବାକୁ ଆରମ୍ଭ କରିଦେଲା ।

ଲେପାକା କହିଲା, "ଦେଖ, ଯାହା ଯିବାର କଥା ଯାଇଛି ; ବର୍ତ୍ତମାନ କାନ୍ଦିଲେ କଣ ତାହା ଫେରିଆସିବ ? ତେଣୁ ତାହା ଭୁଲିଯାଅ । ହଁ, ମୋ ମନରେ କିନ୍ତୁ ଗୋଟିଏ କଥା ବାରମ୍ବାର ଆଲୋଡ଼ନ ସୃଷ୍ଟି କରୁଛି । କାନ୍ଦଟା ଟିକିଏ ବନ୍ଦକରି ମୋ କଥା ଶୁଣ । ଏସବୁ କାଣ୍ଡ ଭୌତିକ ବୋତଲର ନୁହେଁ ତ ? ସେହି ଜାଗାରେ ତ ତୁମେ ଘରଦ୍ୱାର କରିବ ବୋଲି କହୁଥିଲ ।"

କାନ୍ଦୁ କାନ୍ଦୁ କହିଲା କଉସୁମ୍ବୀ, "ଯେବେ ତାହା ହୁଏ, ତେବେ ଧନଦୌଲତ ଦରକାର ନାହିଁ ମୋର । ଆତ୍ମୀୟ ସ୍ୱଜନଙ୍କୁ ମାରି ଧନଦୌଲତ ଭୋଗକରିବା ମୋର ଦରକାର ନାହିଁ । ମୁଁ ଯେତେବେଳେ ବୋତଲଭୂତକୁ ଗୋଟିଏ ଚମତ୍କାର ବଗିଚା ଥିବା ଘରକଥା କହିଥିଲି, ସେତେବେଳେ ମୁଁ ତାକୁ କହିନଥିଲି ଯେ ଦୁନିଆରେ ମୋର ଯେତେ ନିଜର ଲୋକ ଅଛନ୍ତି, ସମସ୍ତଙ୍କୁ ମାରି ମୋତେ ବଗିଚା ଥିବା ଘର ଦେବା ପାଇଁ; କିନ୍ତୁ ଏହା ବୋତଲ-ଭୂତର କାଣ୍ଡ ବୋଲି ମୋର ମନେହେଉଛି । ସେହି ସ୍ଥାନରେ ଘର ତୋଳିବା ପାଇଁ ମୁଁ ମନେ ମନେ ସ୍ଥିର କରିଥିଲି ।"

"କିନ୍ତୁ ବର୍ତ୍ତମାନ ତ ତୁମର ଘର ତିଆରି ହୋଇନି ।" ଲୋପାକା କହିଲା ।

"ତିଆରି ହୋଇନାହିଁ କି କେବେହେଲେ ତିଆରି ହେବନି । ଯଦିଓ କକେଇ ଜମିଦାର ଥିଲେ ଏବଂ କିଛି ଟଙ୍କାପଇସା ବି ମୋ ପାଇଁ ରଖିଯାଇଛନ୍ତି, ତଥାପି ତାହା ସମୁଦ୍ରକୁ ଶଙ୍ଖେପଣି ପରି । କାରଣ ତାଙ୍କ ଜମିର ବେଶି ଭାଗ ଥିଲା କଳା ଲାଭାରେ ଭରପୂର ।"

"ତୁମେ ଯାହା କହ ଭାଇ, ମୋ ମନରେ ଏହି ବୋତଲ ଭୂତ କଥାଟା ବାରମ୍ବାର ଉଠୁଛି । ସେଇଥିପାଇଁ କହୁଛି, ତୁମ କକେଇଙ୍କ ଓକିଲଙ୍କ ପାଖକୁ ଚାଲନା ଥରେ ।"

କଉସୁମ୍ବୀ ରାଜିହେଲା । ଲୋପାକା ତାକୁ ନେଇ ତାର କକେଇଙ୍କ ଓକିଲଙ୍କ ଅଫିସରେ ଯାଇ ହାଜର ହେଲା ।

ଓକିଲ ଭଦ୍ରଲୋକ । କଉସୁମ୍ବୀକୁ ଦେଖିବା କ୍ଷଣି ସେ ଦୀର୍ଘଶ୍ୱାସ ପକାଇ କହିଲେ, "ପ୍ରକୃତରେ ଅତ୍ୟନ୍ତ ଦୁଃଖଦାୟକ ହେଲେ ବି ଘଟଣାଟା ଆପଣଙ୍କୁ ଜଣାଇବାକୁ ବାଧ୍ୟ ହେଉଛି । ଆପଣଙ୍କ

କକେଇ ଏବଂ ତାଙ୍କର ଏକମାତ୍ର ପୁତ୍ର ହଠାତ୍ ମୃତ୍ୟୁମୁଖରେ ପଡ଼ିଛନ୍ତି ।"

କଉସ୍ଥୀର ଚକ୍ଷୁରୁ ପୁଣି ଝରିଲା ଲୋତକର ବନ୍ୟା ।

ଓକିଲ କହିଲେ, "ମୃତ୍ୟୁ ପୂର୍ବରୁ ଆପଣଙ୍କ କକେଇ ପ୍ରଚୁର ଧନଦୌଲତର ମାଲିକ ହୋଇପଡ଼ିଥିଲେ । ତାଙ୍କର ସମସ୍ତ ସମ୍ପତ୍ତି ବର୍ତ୍ତମାନ ଆପଣଙ୍କର ପ୍ରାପ୍ୟ ।"

କକେଇ ତା ପାଇଁ ଅଚଳାଚଳ ସମ୍ପତ୍ତି ରଖିଯାଇଛନ୍ତି !

ବିସ୍ମୟରେ ମୁହାଁମୁହିଁ ହେଲେ କଉସ୍ଥୀ ଆଉ ଲେପାକା ପରସ୍ପର ଆଡ଼କୁ ।

ମନର ଆବେଗ ଦମନ କରିପାରିଲାନି ଲେପାକା । ସେ ଚିତ୍କାର କରି ଉଠିଲା—"ଏଇ ତ ତୁମର ଘର ତିଆରି କରିବା ଟଙ୍କା ।"

ଓକିଲ କହିଲେ, "ଆପଣ ଯଦି କୌଣସି ନୂତନ ଘର ତିଆରି କରିବାର ସିଦ୍ଧାନ୍ତ କରିଥାନ୍ତି, ତା'ହେଲେ ଏଇ ନିଅନ୍ତୁ ଜଣେ ଭଲ କଣ୍ଟ୍ରାକ୍ଟରର ଠିକଣା । ଅତି ଚମତ୍କାର ଘର ସବୁ ତିଆରି କରିଛନ୍ତି ସେ ।"

"ବାଃ, ଚମତ୍କାର !" ଲେପାକା ପୁଣି ଚିତ୍କାର କରି ଉଠିଲା, "ତୁମ ପାଇଁ କେହି ଯେପରି ଆଗରୁ ଏସବୁ ସଜେଇ ରଖିଛି । ତୁମ ଆଗରେ ସବୁ କିଛି ବର୍ତ୍ତମାନ ସହଜ ହୋଇଯାଇଛି । ଆଉ ଡେରି ନକରି ଆଗେଇଯିବା ଦରକାର, ବୁଝିଲ ?"

ଓକିଲଙ୍କ ଅଫିସରୁ ବିଦାୟ ନେଲା ଲେପାକା । ତାକୁ ବର୍ତ୍ତମାନ ଆଉ ଗୋଟିଏ ଜାହାଜରେ ସମୁଦ୍ର ଯାତ୍ରା କରିବାକୁ ହେବ କର୍ମସଂସ୍ଥାନ ପାଇଁ । ତେଣୁ ସେ କହିଲା, "ମୁଁ ତାହାହେଲେ ବର୍ତ୍ତମାନ ଯାଉଛି । ତୁମେ ଏକୁଟିଆ କଣ୍ଟ୍ରାକ୍ଟରର ଘରକୁ ଯାଅ ।

ଶୀଘ୍ର ଶୀଘ୍ର ଘରଟି ତିଆରି କରିଦିଅ, ଯେପରି ଅଳ୍ପଦିନ ପରେ ମୁଁ ତୁମର ନୂତନ ଗୃହ ଦେଖିବା ସୁଯୋଗ ପାଇବି ।" ଏଇଆ କହି ସଜୋରେ କଉପ୍ପୀର କରମର୍ଦ୍ଦନ କରି ଜାହାଜଘାଟ ଆଡ଼କୁ ପାଦ ବଢ଼ାଇଲା ଲେପାକା ।

× × × ×

ସାରା ଦିନ ଧରି ଭାବିବାକୁ ଲାଗିଲା କଉପ୍ପୀ । ତାର ବିଶ୍ୱାସ ହେଉ ନଥିଲା ସେତେବେଳେ କୌଣସିଥିରେ; କିନ୍ତୁ ବର୍ତ୍ତମାନ ବିଶ୍ୱାସ ନକରି ଉପାୟ କଣ ?

କିଛି ଭଲ ଲାଗିଲାନି ତାକୁ; କିନ୍ତୁ ମନ ଖରାପ କରି କେତେ ଦିନ ବସି ରହି ପାରିବ ? ତେଣୁ ସେ ବାହାରିପଡ଼ିଲା ରାସ୍ତା ଉପରକୁ । ଟିକିଏ ବୁଲାଚଲା କଲେ ଅବା ମନଟା ଭଲ ଲାଗିପାରେ ।

ସେତେବେଳକୁ ଉପରବେଳା । ଦଳେ ଶ୍ୱେତ ଚଢ଼େଇ ମାଳ ଆକାରରେ ଡେଣା ପିଟି ଉଡ଼ିଯାଉଥାନ୍ତି ନୀଡ଼ ଉଦ୍ଦେଶ୍ୟରେ । ପ୍ରାନ୍ତରରେ, ଗଛ-ପତ୍ରରେ, ଘାସରେ ଅପରାହ୍ଣର ସୁନେଲି ଖରାର ହସ । ରାସ୍ତାରେ ମଣିଷର ଭିଡ଼ । ସଂଖ୍ୟାହୀନ ବିପର୍ଯ୍ୟସ୍ତ କାହାଣୀର ମିଶ୍ରିତ ସ୍ୱର । କିନ୍ତୁ ସେ ଆଡ଼କୁ ନଜର ନଥିଲା କଉପ୍ପୀର । ବୁଲିବାକୁ ବାହାରିଥିଲେ ବି ଚିନ୍ତାର ଗ୍ରାସରୁ ମୁକ୍ତି ପାଇ ପାରି ନଥିଲା ସେ । ଏହିଭିତରେ କେତେବେଳେ ଯେ ଓକିଲ ଭଦ୍ରଲୋକ ଦେଇଥିବା ଠିକଣା ଅନୁଯାୟୀ ସେ ସେହି କଣ୍ଟ୍ରାକ୍ଟରଙ୍କ ଘରେ ପହଞ୍ଚି ଯାଇଛି, ତାହା ସେ ନିଜେ ଜାଣେନା । ଖିଆଲ ହେଲା କଣ୍ଟ୍ରାକ୍ଟରଙ୍କ ଘର ଭିତରେ ପଶିବା ପରେ ପରେ ।

କଣ୍ଟ୍ରାକ୍ଟର କିନ୍ତୁ ତାର ଏହି ଆକସ୍ମିକ ଆଗମନରେ ଆଦୌ ଆଶ୍ଚର୍ଯ୍ୟ ହେଲେନି । ତାକୁ ଦେଖିବା ସଙ୍ଗେ ସଙ୍ଗେ ପଚାରିଲେ, "କାହାକୁ ଚାହାନ୍ତି ଆପଣ ?"

ଏତିକବେଳେ ଯେପରି ଜ୍ଞାନ ଫେରିପାଇଲା କଉପ୍ପୀ । ଟିକିଏ ଇତସ୍ତତଃ ହୋଇ ସେ କହିଲା, "ମୁଁ ଗୋଟିଏ ନୂଆ ଧରଣର ଘର ତିଆରି କରିବାକୁ ଚାହେଁ । ଆପଣ ମୋତେ ସେହି କାର୍ଯ୍ୟରେ କିଛି ସାହାଯ୍ୟ କରିପାରିବେ ?"

ସଙ୍ଗେ ସଙ୍ଗେ କଣ୍ଟ୍ରାକ୍ଟର ତାଙ୍କ ଖାତାପତ୍ର ଖୋଲି ତା' ହାତକୁ ଗୋଟିଏ ଘରର ନକ୍ସା ବଢ଼ାଇଦେଇ କହିଲେ, "ଆଚ୍ଛା ! ଦେଖନ୍ତୁ ତ, ଏହି ନକ୍ସାଟା ଆପଣଙ୍କ କାମରେ ଲାଗିବ କି ନା ? ଆପଣ ତ ନୂଆ ଧରଣର ଘର ଚାହାନ୍ତି । ମୁଁ ଆଜି ଏହି ଚମତ୍କାର ଘର ନକ୍ସାଟି ତିଆରି କରିଛି ।"

କଉପ୍ପୀ ନକ୍ସାଟି ଉପରେ ଦୃଷ୍ଟିନିକ୍ଷେପ କରିବା ସଙ୍ଗେ ସଙ୍ଗେ ଅବାକ୍ ହୋଇଗଲା । ସେ ମନେ ମନେ ଯେଉଁ ଧରଣର ଘରକଥା ଭାବୁଥିଲା, ଠିକ୍ ସେହି ଧରଣର ଘର ପାଇଁ ନକ୍ସା ତିଆରି ହୋଇଛି । ସେ ଉଚ୍ଛ୍ୱସିତ ଭାବରେ ମନକୁ ମନ କହିଉଠିଲା, ଏଇଥର ମୋ ଘର ତିଆରି ହେବ ହିଁ ହେବ । ମୁଁ ମନରେ ଯାହା ଭାବୁଛି, ସେଇଆ ହିଁ ଘଟୁଛି । ଏଥିଥର ଶୟତାନ ସହିତ ତାଳଦେଇ ଚାଲିବ—ଯାହା ବରାଦ ଥିବ ହେବ । ତା'ପରେ କଣ୍ଟ୍ରାକ୍ଟରଙ୍କ ଆଡ଼କୁ ଚାହିଁ ପଚାରିଲା, "ଏହି ଧରଣର ଗୋଟିଏ ଘର ତିଆରି କରି ସେଇଟିକୁ ସୁସଜ୍ଜିତ କରିବାରେ ମୋଟରେ କେତେ ଟଙ୍କା ଲାଗିବ ବୋଲି ଅଟକଳ କରୁଛନ୍ତି ଆପଣ ?"

ଟିକିଏ ଚିନ୍ତା କରି କଣ୍ଟ୍ରାକ୍ଟର କହିଲେ, "ଜମି ଓ ଆସବାବର ଦାମ୍ ସମେତ ଏହି ଧରଣର ଗୋଟିଏ ଘର ତିଆରି କରିବା ପାଇଁ

ଅଣାନବେ ହଜାର ପାଞ୍ଚଶହ ଅଠଷଠି ଡଲାର ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଯିବ ବୋଲି ମୋର ମନେହୁଏ । ନକ୍ସାଟି ତିଆରି କରିବା ବେଳେ ଖର୍ଚ୍ଚର ମୋଟାମୋଟି ଗୋଟିଏ ହିସାବ ମଧ୍ୟ କରିଛି; ତେବେ ଅଳ୍ପ କମ୍ ବେଶି ହୋଇପାରେ ।"

ବିସ୍ମୟରେ ନିର୍ବାକ୍ ହୋଇଯାଇଛି କଉସ୍ତୀ । ସ୍ତମ୍ଭିତ ହୋଇ ସେ ସେତେବେଳେ ଭାବୁଥିଲା, କିକେଇ ମୋ ପାଇଁ ଯେତେ ଟଙ୍କା ରଖିଯାଇଛନ୍ତି, ଠିକ୍ ସେତିକି ଟଙ୍କା ଲାଗିବ ବୋଲି କହୁଛି ଲୋକଟା ! କି ଆଶ୍ଚର୍ଯ୍ୟ ! ତା'ହେଲେ ଏହି ଧରଣର ଘରଟି ମୁଁ ନିଶ୍ଚୟ କରିପାରିବି । କାହିଁକି ପାରିବିନି ? ତେବେ ଟିକିଏ ଗଲ୍ତି ରହିଯାଇପାରେ । ଘରଟି ପାଉଛି ଏହି ନରକର ଶୟତାନଠାରୁ । ମୋର ଭୟ ହେଉଛି, ଘରଟା ହୁଏତ ସେତେ ସୁବିଧା ହେବନି ମୋ ପକ୍ଷେ··· । ନହେଲେ ବି ମୋର ଘରଟା ଦରକାର । ଶୟତାନ ପାଲରେ ଯେତେବେଳେ ପଡ଼ିଛି, ସେତେବେଳେ ଜାଣିଛି ମୋର ଆଉ ନିସ୍ତାର ନାହିଁ । ତେବେ କାହିଁକି ଦୁର୍ଭାଗ୍ୟ ସହିତ ସୌଭାଗ୍ୟକୁ ମାନିନେବିନି ?

ଏହା ଭାବି ସେ ସଙ୍ଗେ ସଙ୍ଗେ କଣ୍ଟ୍ରାକ୍ଟରର ସହିତ ଘର ତିଆରିର ଚୁକ୍ତି ଶେଷ କଲା । ସେ ଠିକ୍ କଲା, ଏହି ସବୁ ଆଶ୍ଚର୍ଯ୍ୟ ବ୍ୟାପାରରେ ଆଉ ତା' ମୁଣ୍ଡ ଖେଳେଇବନି । ଏହି କଣ୍ଟ୍ରାକ୍ଟର ଆଉ ବୋତଲଭୂତକୁ ସେମାନଙ୍କ ଇଚ୍ଛା ମୁତାବକ ଘର ତିଆରି କରିବା ପାଇଁ ସୁଯୋଗ ଦିଆଯାଉ ।

ତା'ପରେ କଉସ୍ତୀର ଘରତୋଳା କାମ ଆରମ୍ଭ ହୋଇଗଲା କେତେ ଦିନ ଭିତରେ ।

## ସାତ

ଘର ତିଆରି ହୋଇଯାଇଛି କଉସ୍ତୀର ।

ଅପୂର୍ବ ସୁନ୍ଦର ସେ ଘର—ଯେପରି ସେ ଚାହିଁଥିଲା, ଠିକ୍ ସେହିପରି । ମୂଳରୁ ଚୂଳ ପର୍ଯ୍ୟନ୍ତ ମାର୍ବଲପଥରରେ ତିଆରି । ଚାରିପଟେ ଫୁଲ ବଗିଚା । ଆଉ ସେହି ବଗିଚାକୁ ଆଲୋକିତ କରି ଫୁଟିଛି ଅଜସ୍ର ଫୁଲ—ପୃଥିବୀର ଶ୍ରେଷ୍ଠ ବଗିଚାରେ ମଧ୍ୟ ସେପରି ଫୁଲ ଦେଖିବାକୁ ମିଳେନା ।

ପ୍ରତ୍ୟେକଟି ଝରକାରେ ଝୁଲୁଛି ଜରିର ଝାଲରଦିଆ ମଖମଲର ପର୍ଦ୍ଦା, କାନ୍ଥରେ ପୃଥିବୀର ଶ୍ରେଷ୍ଠ ଛବିସବୁ—ଠିକ୍ ଯେପରି ସେ ଆଶା କରିଥିଲା, ସେହିପରି ହୋଇଛି ।

ସ୍ତମ୍ଭମାନଙ୍କରେ ଅପୂର୍ବ କାରୁକାର୍ଯ୍ୟ । ଚାରିଆଡ଼େ ବାରଣ୍ଡା, ତଳେ ଦାମିକା କାର୍ପେଟ । କାର୍ପେଟ ଏତେ କୋମଳ ଯେ ତା ଉପରେ ଚାଲିଲେ ପାଦକୁ ଆରାମ ଲାଗିବ ।

ସେ ଦିନ ସକାଳ । ଘରର ମାଲିକ କଉସ୍ତୀ ବସିରହିଛି ଖଣ୍ଡିଏ ଆରାମଚୌକି ଉପରେ ।

ହଠାତ୍ ତାର ନଜର ପଡ଼ିଲା ଫାଟକ ଆଡ଼କୁ । ନାବିକର ପୋଷାକ ପିନ୍ଧି ଗୋଟିଏ ଲୋକ ଅବାକ୍ ହୋଇ ଠିଆହୋଇ ରହିଛି ଫାଟକ ନିକଟରେ ।

ଲୋକଟା ଅସ୍ପଷ୍ଟ ସ୍ୱରରେ କଣ ଯେପରି କହୁଥିଲା ସେତେବେଳେ । କିଛି ସମୟ ପରେ ସେ ଟିକିଏ ଇତସ୍ତତଃ ହୋଇ ପଶିଲା ଘର ଭିତରକୁ । ଦୁଇ ଆଖିରେ ପ୍ରଚୁର ବିସ୍ମୟ ଭରି ଚାରିଆଡ଼କୁ ଅନାଇ ଅନାଇ ସେ ବାରଣ୍ଡା ଆଡ଼କୁ ଅଗ୍ରସର ହେଲା ଧୀରେ ଧୀରେ । ତା'ପରେ କେତେବେଳେ ସେ

ସେ ବୈଠକଖାନାର ମଖମଲ ପର୍ଦ୍ଦା ପାରହୋଇ ଭିତରକୁ ଯାଇଛି, ତାହା ମଧ୍ୟ ସେ ଜାଣିପାରିନି ।

ବୈଠକଖାନାରେ ଜଣେ ସୁଦର୍ଶନ ସ୍ୱାସ୍ଥ୍ୟବାନ୍ ତରୁଣ ସୋଫାରେ ନିଜକୁ ଲେଟାଇ ଦେଇ ପାଇପ୍ ଟାଣି ଟାଣି ଏକ ବହି ପଢ଼ୁଥିଲେ ନିବିଷ୍ଟ ଚିତ୍ତରେ । ପାଦର ଖସ୍‌ଖସ୍ ଶବ୍ଦ ଶୁଣି ସେ ମୁଣ୍ଡ ଉଠାଇ ଚାହିଁଲେ ଲୋକଟା ଆଡ଼କୁ ।

"ଆରେ ! ଲୋପାକା ଯେ ! ଆସ, ଆସ । ବସ ଭାଇ !"—ସାଦର ଅଭିନନ୍ଦନର ସ୍ୱର ଶୁଣାଗଲା ।

ସେତେବେଳକୁ ସ୍ତମ୍ଭିତ ଭାବ ପୂରାପୂରି କଟିଯାଇନାହିଁ ଲୋପାକାର । ଯନ୍ତ୍ରଚାଳିତ ପରି ସେ ବସିପଡ଼ିଲା ଗୋଟିଏ କାଉଚ୍ ଉପରେ । ତା'ପରେ ସ୍ତମ୍ଭିତ ସ୍ୱରରେ ସେ କହିଲା, "ସୁନ୍ଦର ଘରଟିଏ କରିଛ ତ କଉପୁଲି ? ଏପରି ସୁନ୍ଦର ଘରଟିଏ ମଣିଷ ତିଆରି କରିବା କଥା ଦୂରରେ ଥାଉ, କଳ୍ପନା ମଧ୍ୟ କରିପାରିବନି କେବେହେଲେ ।"

"ହଁ, ଘରଟି କୁଆଡ଼େ ଅତି ଚମତ୍କାର ହୋଇଛି ବୋଲି ସମସ୍ତେ କହୁଛନ୍ତି । ହବନି କାହିଁକି ? ନରକ-ଭୂତର ଅସାଧ୍ୟ ବା କଣ ଅଛି ? ଏହି ଘରଦ୍ୱାର ସବୁ ତ ସେହି ଭୌତିକ ବୋତଲର ଦୌଲତରେ । ଆଚ୍ଛା ! ଘରକଥା ସେତିକି ଥାଉ । ଏଥର କହିଲ, ତୁମ ଖବର କଣ ?"

"କଣ ଆଉ ଖବର ? ସେ କଥା ଆଉ ପଚାରୁଛ କାହିଁକି ? ନାବିକମାନଙ୍କର ହାଲଚାଲ ତ ତୁମକୁ ଅଛପା ନାହିଁ । ଖଟି ଖଟି ଜୀବନ ଚାଲିଗଲାଣି ଭାଇ ! ବହୁତ କଷ୍ଟରେ ବର୍ତ୍ତମାନ ତିନିଦିନ ଛୁଟି ପାଇଛି; ସେଥିପାଇଁ ଭାବିଲି, କଉପୁଲିକୁ ଟିକିଏ ଅଭିନନ୍ଦନ

କରିଆସେ । ତା'ଛଡ଼ା ଗୋଟିଏ ଉଦ୍ଦେଶ୍ୟ ମଧ୍ୟ ଅଛି । ସେଇଟି ହେଲା···ଲେପାକା ଥମିଗଲା ଟିକିଏ ।

ଆଗ୍ରହର ସହିତ ପ୍ରଶ୍ନ କଲା କଉଡ଼ୀ—

"କି ଉଦ୍ଦେଶ୍ୟ ? କହୁ କହୁ ଥମିଗଲ କାହିଁକି ?"

"ତୁମେ ତ ଜାଣ ଭାଇ, ମୁଁ ବହୁଦିନଧରି ପେଟରୁ କାଟି ଟଙ୍କା ଜମାଇଛି ଖଣ୍ଡିଏ ଜାହାଜ କିଣିବା ପାଇଁ ।" ଲେପାକା କହିବାକୁ ଲାଗିଲା—"କିନ୍ତୁ ନାବିକମାନେ କେମିତି ଟଙ୍କା ପାଆନ୍ତି ତାହା ତୁମକୁ ଅଜଣା ନାହିଁ । ଏତେ ଦିନ ଭିତରେ ଖଣ୍ଡିଏ ଡଙ୍ଗା କିଣିବା ଭଳି ଟଙ୍କା ବି ଯୋଗାଡ଼ କରିପାରିଲି ନାହିଁ । ମୋର ଅନେକ ଦିନର ସ୍ୱପ୍ନ ଖଣ୍ଡିଏ ଜାହାଜ କିଣି ଦେଶ ଦେଶ ବୁଲି ବେପାର-ବଣିଜ କରିବା । ସ୍ୱପ୍ନ ସ୍ୱପ୍ନରେ ରହିଗଲା । କେବେ ସଫଳ ହେବ କି ନା ତାହା ·· ।"

"ତା ମୁହଁରୁ କଥାକୁ ଛଡ଼ାଇନେଇ କଉଡ଼ୀ କହିଲା, "ସେଥିପାଇଁ ଏତେ ଭାବିବାର କଣ ଅଛି ? ବୋତଲଟା ତ କିଣିନେଲେ ତୁମର ସ୍ୱପ୍ନ ସଫଳ ହୋଇଯିବ ଅତି ସହଜରେ !"

"ମୋର ଏଠାକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ତାହା । ତୁମର ବୋତଲ ସମ୍ପର୍କରେ ଗୋଟାଏ ଫଇସଲା କରି କିଣିବାର ଇଚ୍ଛା ନେଇ··· ।"

"ବେଶ୍, ବୋତଲଟି ତୁମେ ଯେତେବେଳେ ଇଚ୍ଛା ସେତେବେଳେ କିଣିନେଇପାର । ତୁମ କହିବା ମୁତାବକ ବୋତଲଟିକୁ ମୁଁ ରଖିଦେଇଛି; ବର୍ତ୍ତମାନ ସୁଦ୍ଧା କାହାରିକୁ ଦେଖାଇନି ।"

ଲେପାକା କହିଲା, "ଦେଖୁଛି, ବୋତଲଟି ତୁମକୁ ଅସୀମ ସୌଭାଗ୍ୟ ଆଣିଦେଇଛି ।"

"ତୁମେ କଣ କହିବାକୁ ଚାହୁଁଛ ତାହା ସ୍ପଷ୍ଟଭାବରେ ମୋତେ କୁହ ।"

"ଦେଖ ଭାଇ, ତୁମକୁ ସିଧା କଥାଟି କହିଦେଉଛି । ମୋର ମନେହେଉଛି—ଅନ୍ତତଃ ଆଶା କରୁଛି ଯେ ତୁମଠାରୁ ବୋତଲଟି କିଣିନେଲେ, ତାର ଦୌଲତରେ ଗୋଟିଏ ବିରାଟ ଜାହାଜ କିଣି-ପାରିବ । ତଥାପି ମୋର ସନ୍ଦେହ ଦୂର ହେଉନି ଭାଇ ! ଇଏ ଯେପରି ଠିକ୍ ସେହି ଆଲାଦ୍ଦିନ୍‌ର ଆଶ୍ଚର୍ଯ୍ୟ ପ୍ରଦୀପର ଗଳ୍ପ । ତାହା ହେଲା ଆରବ୍ୟ ଉପନ୍ୟାସର କାହାଣୀ, ରୂପକଥାର ପୃଷ୍ଠାରେ ହିଁ ସମ୍ଭବ; କିନ୍ତୁ ବାସ୍ତବ ଜୀବନରେ କେବେହେଲେ ତାହା ଘଟିପାରିବ ମୁଁ ଆଦୌ ବିଶ୍ୱାସ କରିପାରୁନି ।"

କୌଣସି ଉତ୍ତର ଦେଲାନି କିଉୟୀ; କେବଳ ନୀରବରେ ପାଇପ୍ ଟାଣିବାକୁ ଲାଗିଲା ।

ଲୋପାକା କହିଚାଲିଲା, "ତୁମକୁ ମୁଁ ଅବଶ୍ୟ କଥା ଦେଇଥିଲି ଯେ ଏପରି ଗୋଟିଏ ଦର ଯଦି ତୁମକୁ ନରକର ବୋତଲଟା ଦେଇପାରେ, ତେବେ ତୁମକୁ ଆଉ ନୂଆ ଗ୍ରାହକ ପାଇଁ ଭାବିବାକୁ ପଡ଼ିବନି, ମୁଁ କିଣିନେବି ସେହି ବୋତଲଟିକୁ; କିନ୍ତୁ ଏ ପର୍ଯ୍ୟନ୍ତ ଏସବୁ ମୁଁ ବିଶ୍ୱାସ କରିପାରୁନି ଆଦୌ । ତୁମେ ଆମୂଳଚୂଳ ଭାବି ଦେଖ, ଯାହା ଘଟୁଛି ତାହା ସବୁ ତୁମର ଭାଗ୍ୟଗୁଣରୁ ବି ହୋଇଥାଇପାରେ । ତୁମ କକେଇଙ୍କ ଶେଷ ଜୀବନରେ ଧନ-ଦୌଲତ ଲାଭ, ତାଙ୍କର ଏବଂ ତାଙ୍କ ପୁଅଙ୍କର ଆକସ୍ମିକ ମୃତ୍ୟୁ—ସୁତରାଂ ଏସବୁ ଯେ କେବଳ ବୋତଲ ପାଇଁ ହିଁ ଘଟିଛି, ତାର କୌଣସି ଦୃଢ଼ କାରଣ ନାହିଁ । ଏହି ଭୌତିକ ବୋତଲଟାର ହୁଏତ ଏସବୁ ଘଟଣାରେ କୌଣସି ପ୍ରକାର ହାତ ନାହିଁ । ଆଉ ତା'ପରେ ଯଦି ମୁଁ ବୋତଲଟି କିଣେ ଅଥଚ କୌଣସି ଜାହାଜ ନପାଏ,

ସେତେବେଳେ ମୋର ଅବସ୍ଥାଟା କଣ ହେବ, ଭାବ ଦେଖ ତ ଥରେ ! ଜାଣିଶୁଣି କିଏ ନିଆଁରେ ହାତ ମାରିବାକୁ ଚାହେଁ ? ଆଚ୍ଛା ତୁମେ କଣ ଏହି ବୋତଲଭୂତର କୌଣସି ପ୍ରମାଣ ଦେଇପାରିବ, ମୋତେ ?"

"ନାଁ ଭାଇ, ମୁଁ ଆଉ ସେହି ବ୍ୟାପାରରେ ନାହିଁ ।" କଉଫୀ ମୁଣ୍ଡ ହଲାଇଲା, "ମୁଁ ଏହି ନରକର ବୋତଲ ପାଖରୁ ଆଉ କିଛି ଚାହୁଁନ । ଯାହା ପାଇଛି ତାହା ଯଥେଷ୍ଟ । ଆଉ ବେଶି ପାଇବାକୁ ଚାହୁଁନ ମୁଁ ।"

ଲେପାକା କିନ୍ତୁ ସନ୍ତୁଷ୍ଟ ହେଲାନି ଏହି କଥାରେ । ସେ କିଛି ନକହି ଗୋଟିଏ ସିଗାରେଟ୍‌ରେ ନିଆଁ ଧରାଇ ଟାଣିବାକୁ ଲାଗିଲା ।

କଉଫୀ ଧୀରେ ଧୀରେ ପାଦ ପକାଇ ଚାଲିଲା ଗୋଟିଏ ଆଲମାରି ପାଖକୁ । ଆଲମାରିଟି ଆସ୍ତେ ଖୋଲି ନେଇଆସିଲା ସେହି ବୋତଲଟିକୁ । ଲେପାକା ହାତ ବଢ଼ାଇ ବୋତଲଟାକୁ ନେଇଯାଇ ବୁଲେଇବାଲେଇ ଦେଖିବାକୁ ଲାଗିଲା ଭଲଭାବରେ ।

ଗୋଟାଏ ଲମ୍ବା ବେକବାଲା ପେଟମୋଟା ବୋତଲ । କାଚଟି ଦୁଧପରି ତୋପା ଧଳା । ବାରମ୍ବାର ରଙ୍ଗ ବଦଳୁଛି ସେହି ଆଶ୍ଚର୍ଯ୍ୟ ବୋତଲଟିର । ତେବେ ଭିତରେ ଯେଉଁ ନିଆଁ ଜଳୁଛି, ତାହା ଲେପାକା ବୁଝିପାରିଲା । ଆଉ ଗୋଟିଏ କଳା ଛାଇ ସେହି ବୋତଲଟା ମଧ୍ୟରେ ଘୂରିବୁଲୁଥିବାର ମନେହେଉ ତାହାର ।

କଣ ଭାବିଲା କେଜାଣି ଲେପାକା, ହଠାତ୍ କହିଉଠିଲା— "ଆଚ୍ଛା, ଗୋଟିଏ କାମ କଲେ ହୁଅନ୍ତା ନାହିଁ ?"

ଜିଜ୍ଞାସୁ ନୟନରେ ଚାହିଁରହିଲା କଉଫୀ ତା ଆଡ଼କୁ ।

"ଧର, ତୁମେ ବୋତଲର ଭୂତଟିକୁ ବୋତଲରୁ ବାହାରି ଆସିବାକୁ କହିଲ—ଯେଉଁଥିରେ ଆମେ ବୁଝିପାରିବା ତା ଭିତରେ ଗୋଟିଏ ଭୂତ ଅଛି ।"

କଉସ୍ତୀ କହିଲା, "ତାହାଦ୍ୱାରା ତ କୌଣସି ସୌଭାଗ୍ୟର କାମନା କରାଗଲା ନାହିଁ ଭୂତ ପାଖରେ ! ତାକୁ କେବଳ ଆଖିରେ ଦେଖିଲେ କି ଲାଭ ହେବ ତୁମର ?"

ଲେପାକା କହିଲା, "କିନ୍ତୁ ମୁଁ ଯଦି ଥରେ ତାକୁ ଦେଖିବାକୁ ପାଏ, ତେବେ କି ଜିନିଷ କିଣିବାକୁ ଯାଉଛି ତାହା ସମ୍ବନ୍ଧରେ ନିଶ୍ଚିନ୍ତ ହେବି ।"

"ଧର, ଭୂତଟା ଦେଖିବାକୁ ଖୁବ୍ କୁତ୍ସିତ । ସେତେବେଳେ ତୁମେ ବୋତଲଟା ହୁଏତ କିଣିବା ପାଇଁ ରାଜି ନହୋଇପାର ।"

ଲେପାକା ସଙ୍ଗେ ସଙ୍ଗେ ଶପଥ କରି କହିଲା, "ଭୂତଟା ଯେତେ କୁତ୍ସିତ ହେଲେ ବି, ବୋତଲଟି ମୁଁ ନିଶ୍ଚୟ କିଣିବି ।"

ଲେପାକାଠାରୁ ଏଇତକ ଶୁଣିବା ସଙ୍ଗେ ସଙ୍ଗେ କଉସ୍ତୀ ବୋତଲଟାକୁ ଟେବୁଲ ଉପରେ ରଖି ଘରର ଗୋଟିଏ କୋଣକୁ ଘୁଞ୍ଚିଯାଇ କହିଲା, "ଅରେ ବାହାରକୁ ବାହାରି ଆସ ତ ଭୂତ ମହାଶୟ, ତୁମକୁ ଦେଖିବାକୁ ଚାହେଁ ମୁଁ ।"

କଥା ଶେଷ ହେବା ସଙ୍ଗେ ସଙ୍ଗେ ବୋତଲ ଭିତରୁ ପୁଳାଏ କଳାଧୂଆଁ ବାହାରି ଶୂନ୍ୟରେ କିଛି ସମୟ ଭାସି ଭାସି ଜମାଟ ବାନ୍ଧିବାକୁ ଲାଗିଲା । ତା'ପରେ ଯେଉଁ ବୀଭତ୍ସ ଦୃଶ୍ୟ ଦେଖିଲେ ସେମାନେ, ସେଥିରେ ଆତଙ୍କିତ ହୋଇଉଠିଲା ସେମାନଙ୍କର ମନ ଓ ପ୍ରାଣ । ମନେହେଲା ମୃତ୍ୟୁ ଆଉ ଡେରି ନାହିଁ ଉଭୟଙ୍କର । ଗୋଟାଏ ଚଳନ୍ତା ଭୂତ; ଦୈତ୍ୟ ପରି ବିରାଟ କୁତ୍ସିତ ଦେହେରା । ପ୍ରଥମେ ଚକ୍ଷୁ ଦୁଇଟି ଥିଲା ପୀତାଭ, ସ୍ଥିର, ଜ୍ୟୋତିହୀନ, ନିଷ୍ପ୍ରଭ ।

ତା'ପରେ ହଠାତ୍ ଜଳିଉଠିଲା ସେହି ଚକ୍ଷୁ ଦୁଇଟା । ଗୋଟିଏ କ୍ରୁଦ୍ଧ ଗର୍ଜନ ଶୁଣାଗଲା—ଅଁ...ଅଁ...ଅଁ ! କି ବିକଟ ସେହି ଶବ୍ଦ !

ଆଉ ସହିପାରିଲାନି ଲୋପାକା । ଆର୍ତ୍ତସ୍ୱରରେ ଚିତ୍କାର କରି ଉଠିଲା, "ହୋଇଛି, ହୋଇଛି ! ଯଥେଷ୍ଟ ଦେଖିଛି ମୁଁ । ଆଉ ଚାହେଁନା, ଆଉ ଦେଖିବାକୁ ଚାହେଁନା ।"

କିଉପୁ ମଧ୍ୟ ଧୈର୍ଯ୍ୟ ହରାଇ ସାରିଥିଲା । ପ୍ରକୃତିସ୍ଥ ହେବା କ୍ଷଣି ସେ ବି ଚିତ୍କାର କରିଉଠିଲା, "ବୋତଲଭୂତ, ଫେରିଯାଅ ! ପୁଣି ତୁମ ବୋତଲର ଅନ୍ଧକାର ଗର୍ଭକୁ ଫେରିଯାଅ...ଯାଅ; ଅତିଶୀଘ୍ର ଫେରିଯାଅ ।"

ସଙ୍ଗେ ସଙ୍ଗେ ଶୁଣାଗଲା ଗୋଟିଏ କ୍ଷୀଣ ଗର୍ଜନ—ଅଁ... ଅଁ...ଅଁ । ତା'ପରେ ଅଦୃଶ୍ୟ ହୋଇଗଲା ସେହି ମୂର୍ତ୍ତି ।

ସ୍ତମ୍ଭିତଭାବେ ଉଭୟେ କିଛି ସମୟ ଚାହିଁରହିଲେ ପରସ୍ପର ଆଡ଼କୁ—ପଦେ କଥା କହିବାର ଶକ୍ତି ମଧ୍ୟ ନଥିଲା ସେମାନଙ୍କର ସେତେବେଳେ ।

ସେମାନେ ଦେଖିଲେ କଣ ?

କୌଣସି ମଣିଷର କଳ୍ପନା ଯେଉଁ ବୀଭତ୍ସତାର କଥା ଭାବିବାକୁ ଅକ୍ଷମ, ତାହା ଦେଖିଲେ ସେମାନେ ସ୍ୱଚକ୍ଷୁରେ । ସେତେବେଳେ ଭାସିଆସୁଥିଲା ସେମାନଙ୍କ କାନକୁ ସେହି ବିକଟ ଶବ୍ଦ—ଅଁ...ଅଁ...ଅଁ । ସେତେବେଳେ ଝାଇଁ ଝାଇଁ କରି ଉଠୁଥିଲା ସେମାନଙ୍କର ମସ୍ତିଷ୍କର ସ୍ନାୟୁଗୁଡ଼ିକ । ମୁହଁ ବିବର୍ଣ୍ଣ ହୋଇଯାଇଥିଲା ସେମାନଙ୍କର ଏକ ଅଜଣା ଆତଙ୍କରେ । ଠକ୍ ଠକ୍ ହୋଇ କମ୍ପିଉଠୁଥିଲା ସେମାନଙ୍କର ସମସ୍ତ ଦେହ ।

ଏଇମିତି କେତେ ସମୟ ଯେ କଟିଗଲା ତାର ହିସାବ ନାହିଁ । କିଛି କ୍ଷଣ ପରେ ସେହି ଅସ୍ୱସ୍ତିକର ଜମାଟ ସ୍ତବ୍ଧତା ଭାଙ୍ଗିଲା ପ୍ରଥମେ ଲେପାକାର କଣ୍ଠସ୍ୱରରେ । ଲେପାକା କହିଲା, "ବର୍ତ୍ତମାନ ବୋତଲଟି ସମ୍ବନ୍ଧରେ ସବୁକଥା ବିଶ୍ୱାସ କରିବାକୁ ହେବ ।"

ମଳିନ ମୁହଁରେ ଚାହିଁରହିଲା କଉୟୀ ତା'ଆଡ଼କୁ । ସେତେବେଳେ ସୁଦ୍ଧା କଥା କହିବାର ଶକ୍ତି ଫେରିପାଇନଥିଲା ସେ ।

ଲେପାକା ପୁଣି କହିଲା, "ମୋ କଥା ତୁମେ ରଖିବାକୁ ହେବ ଏଥର । ତୁମେ ପଚାଶ ଡଲାର ଦେଇ କିଣିଥିଲ ବୋତଲଟିକୁ ?

"ହଁ..."

"ତାର ମାନେ, ଏହି ବୋତଲଟିକୁ କିଣିବାକୁ ହେଲେ ଆହୁରି କମ୍ ଦାମ୍ ଦେବାକୁ ପଡ଼ିବ ମୋତେ ? ଏଇ ନିଅ ଅଣଚାଳିଶ ଡଲର ।" ଏହା କହି ଲେପାକା ତା ପକେଟ୍‌ରୁ ଟଙ୍କା ବାହାର କଲା । ତା'ପରେ ଅଣଚାଳିଶଟି ଡଲାର ଗଣି ରଖିଲା ଟେବୁଲ ଉପରେ ଓ କହିଲା "ଯେଉଁ ମୁହୂର୍ତ୍ତରେ ମୁଁ ମୋର ଜାହାଜ କିଣିବି, ସେହି ମୁହୂର୍ତ୍ତରେ ଏହି ବୋତଲଟି ବିକ୍ରି କରିଦେବି ।"

ତା'ପରେ ବୋତଲଟା ଧରି ସେ ଚାଲିଗଲା କଉୟୀ ଘର ଭିତରୁ ବାହାରକୁ ।

ଫାଟକଯାଏ ଆସି ତାକୁ ବିଦାଇଦେଲା କଉୟୀ ।

ଲେପାକା କହିଲା, "ମୁଁ ବର୍ତ୍ତମାନ ହନୁଲୁଲୁ ଚାଲିଯାଉଛି । ସେଠାକୁ ଯାଇ ଗୋଟିଏ ଜାହାଜ କିଣିବି । ତା'ପରେ ବୋତଲଟାକୁ ପ୍ରଥମେ ବିକ୍ରି କରିଦେଇ ଅନ୍ୟ କଥା ଭାବିବି । ଆଚ୍ଛା, ତାହେଲେ ମୁଁ ଯାଉଛି ଭାଇ !"

ଆଗେଇଚାଲିଲା ଲେପାକା ।

କଉପ୍ପୀ ବଡ଼ପାଟିରେ କହିଲା, "ଜାହାଜ କଣିବାମାତ୍ରେ ଯେତେ ଚଞ୍ଚଳ ପାର ବିକ୍ରି କରିଦେବ ବୋତଲଟାକୁ ।"

ଲୋପାକା ମୁହଁ ବୁଲେଇ ଉତ୍ତର ଦେଲା, "ସେ କଥା ଆଉ କହିବାକୁ ଅଛି ! ଜାହାଜ କଣାହୋଇଗଲେ ଏକ ମୁହୂର୍ତ୍ତ ବି ଏହି ହତଭାଗା ବୋତଲଟିକୁ ମୋ ପାଖରେ ରଖିବିନି ।"

ଏହା କହି କହି ଗୋଟିଏ ମୋଡ଼ ବୁଲି ଅଦୃଶ୍ୟ ହୋଇଗଲା ବୋତଲଭୂତର ନୂତନ ଗ୍ରାହକ ଲୋପାକା ।

## ଆଠ

ଲୋପାକା ଯେତେବେଳେ ଅଦୃଶ୍ୟ ହୋଇଗଲା ସେହି ଭୌତିକ ବୋତଲଟା ନେଇ, କଉପ୍ପୀ ମନ ସେତେବେଳେ ମୁକ୍ତିର ଆନନ୍ଦରେ ଭରପୂର । ଆଉ କୌଣସି ଭୟ ନାହିଁ ତାହାର । ମୁକ୍ତି ମିଳିଛି ନରକର ଭୂତହାତରୁ । ଆନନ୍ଦର ଆବେଗରେ ତାର ମୁହଁ ଓ ଆଖି ଝଲମଲ କରିଉଠିଲା ।

ମହା ଆନନ୍ଦରେ କଉପ୍ପୀ ଓହ୍ଲାଇ ଆସିଲା ରାସ୍ତାକୁ । ଏତେ ଆନନ୍ଦ ଗୁପ୍ତିରଖିବ ସେ କେଉଁଠି ? ଏଡ଼େ ସୁନ୍ଦର ଅପରାହ୍ଣଟି— ଘରେ ବସି ବସି ସେ କ'ଣ ତାହା ମାଟି କରିଦେବ ? ଟିକିଏ ବୁଲିବାକୁ ମଧ୍ୟ ବାହାରିବନି ?

ଅନେକ ଦିନ ପରେ ସେ ଖୋଲାପବନର ଆଘ୍ରାଣ ନେଲା ପୂର୍ଣ୍ଣ ବକ୍ଷରେ । ଅଧୀର ହୋଇ ଗତିକଲା ରାସ୍ତାରେ । ଠିକଣାହୀନ ଭ୍ରମଣରେ ସମୟ କଟିବାକୁ ଲାଗିଲା ତାହାର ।

ଚାଲି ଚାଲି ଯାଇ ସେ ପହଞ୍ଚିଗଲା ସହରର ଗୋଟିଏ ପ୍ରାନ୍ତରେ । ସହରର ସେହି ଅଞ୍ଚଳଟା ନଗ୍ନେଲା । ଗୋଟିଏ ବଡ଼ଟ କେନାଲ ବହିଯାଉଛି ସେହି ଅଞ୍ଚଳରେ । ଧୀରେ ଧୀରେ ସେହି କେନାଲ ନିକଟରେ ଆସି ସେ ଠିଆହେଲା । ହଠାତ୍ ତାର ନଜର ପଡ଼ିଲା କେନାଲବକ୍ଷର ଗୋଟିଏ ନୌକା ଉପରେ । ଗୋଟିଏ ତରୁଣୀ ଏପାର ଆଡ଼କୁ ଆସୁଥିଲା ସେହି ନୌକାରେ ବସି ।

କଉସ୍ତୀର ଆଖି ପଡ଼ିଲା ସେହି ତରୁଣୀ ଉପରେ । ଅପୂର୍ବ ସୁନ୍ଦରୀ ଝିଅଟି । କଉସ୍ତୀର ମନେହେଲା ସେହି ତରୁଣୀଟି ବୋଧହୁଏ ଦୁନିଆର ସର୍ବଶ୍ରେଷ୍ଠ ସୁନ୍ଦରୀ ।

ପ୍ରକୃତରେ କଉସ୍ତୀର କୌଣସି ଭୁଲ ହୋଇନି । ଏକ ନାରୀ ଏତେ ସୁନ୍ଦର ହୋଇପାରେ, ତାହା କେହି କଳ୍ପନା ମଧ୍ୟ କରି ପାରିବେନି ।

ସେତେବେଳକୁ ଝିଅଟିର ନୌକା ଆସି କୂଳରେ ଲାଗିଗଲାଣି ।

ଅତି ଆଗ୍ରହର ସହିତ କଉସ୍ତୀ ଆଗେଇଗଲା ଝିଅଟି ଆଡ଼କୁ । ତା'ପରେ ସେ ନିଜର ପରିଚୟ ଦେଇ ଝିଅଟିର ପରିଚୟ ପଚାରିଲା ।

ଲାଜମିଶା ହସ ହସି ଝିଅଟି ଉତ୍ତର ଦେଲା, "ମୋର ନାମ କଲୁସ୍ପା ।"

କଉସ୍ତୀ କହିଲା, "ମୋର ମନେହେଉଛି ତୁମେ ହେଉଚ ସେହି ତରୁଣୀ, ଯାହାକୁ କି ମୁଁ ସ୍ୱପ୍ନରେ ଦେଖିଛି କେତେଥର ।"

ଝିଅଟି ଅବନତ ମୁହଁରେ ଟିକିଏ ହସିଦେଇ ତା'ପରେ ଲାଲ ହୋଇଗଲା ଲଜ୍ଜାରେ ।

ଉଭୟଙ୍କର ସଙ୍କୋଚଭାବଟା କଟିଯିବା ପରେ ଧୀରେ ଧୀରେ ଜମିଉଠିଲା ସେମାନଙ୍କର ଆଳାପ ।

× × × ×

ତା'ପରେ ପ୍ରତ୍ୟେକ ଦିନ ଦେଖାସାକ୍ଷାତ ହେଲା ଉଭୟଙ୍କର । କ୍ରମଶଃ ନିବିଡ଼ରୁ ନିବିଡ଼ତର ହେଲା ସେମାନଙ୍କର ସମ୍ପର୍କ ।

ସେଦିନ ଅପରାହ୍ଣରେ କଉସ୍ତୀ କହିଲା—"ତୁମେ ମୋ ଜୀବନର ଯେଉଁ ସୁଖ ଆଣିଦେଇଛ, ତାହା ମୁଁ ଭାଷାରେ ପ୍ରକାଶ କରିପାରିବିନି କଲୁସ୍ୟା !"

କଲୁସ୍ୟା ନତମୁଖରେ ମୃଦୁସ୍ୱରରେ କହିଲା, "କଉସ୍ତୀ, ମୁଁ ତୁମପରି ଭାଷା ଜାଣେନା; ନହେଲେ ପ୍ରକାଶ କରିପାରିଥାନ୍ତି ମୋର ମନର କଥା ।"

ତା'ପରେ ବିତିଗଲା ଆଉ କେତୋଟି ରଙ୍ଗୀନ ଦିବସ—ରଙ୍ଗୀନ ସନ୍ଧ୍ୟା । ସେମାନଙ୍କର ହସଗୀତରେ ମୁଖରିତ ହୋଇ ଉଠିବାକୁ ଲାଗିଲା କେନାଲର ନୀରେଳା ତୀରଟି । ଧୀରେ ଧୀରେ ସେମାନଙ୍କ ମନରେ ଗଢ଼ିଉଠିଲା ଗୋଟିଏ ସ୍ୱପ୍ନଭରା ଭବିଷ୍ୟତର ମଧୁର କଳ୍ପନା ।

× × × ×

ସେଦିନ ଅପରାହ୍ଣରେ କଉସ୍ତୀ ଓ କଲୁସ୍ୟା ପୂର୍ବପରି ବୁଲିବାକୁ ଯାଇଛନ୍ତି । ଘରେ ବସି କଲୁସ୍ୟାର ମା' ଓ ବାପା କଥାବାର୍ତ୍ତା ହେଉଛନ୍ତି ।

କଥା କଥାରେ ମା' ପଚାରିଲେ, "କଉସ୍ତୀ ବର୍ତ୍ତମାନ ବିବାହ ପ୍ରସ୍ତାବ କରୁନାହାଁନ୍ତି କାହିଁକି ?"

କଲ୍ୟାଣୀର ବାପା କଅଣନୋ ଟିକିଏ ହସିଦେଇ କହିଲେ, "ମୋର ମନେହେଉଛି କଉଣ୍ଟି ଏହି ସପ୍ତାହରେ ବିବାହ ପ୍ରସ୍ତାବ କରିବ । କାଲି ପ୍ରସ୍ତାବ ନ କରିବ ବୋଲି କିଏ କହିପାରିବ ?"

ତେଣେ କଲ୍ୟାଣୀ ଓ କଉଣ୍ଟି ଉଭୟେ ଚପଳ ମନ ନେଇ ଘୂରିବୁଲୁଛନ୍ତି । କଉଣ୍ଟି ସେତେବେଳେ ଭୁଲରେ ମଧ୍ୟ କଳ୍ପନା କରିପାରିଲେନି, ତାର ଭାଗ୍ୟ-ଆକାଶରେ କି ଭୟାନକ କଳା ମେଘ ଜମୁଛି; ସୂଚନା ଦେଉଛି ପ୍ରଳୟ ଝଡ଼ର ।

## ନଅ

କାଳ-ବୈଶାଖୀ ଆସେ କୌଣସି ପୂର୍ବାଭାସ ନଦେଇ ।

ଯେଉଁ କଳା ମେଘଖଣ୍ଡ ଜମୁଥିଲା କଉଣ୍ଟିର ଭାଗ୍ୟାକାଶରେ, ହଠାତ୍ ତାହା ଛୁଟିପଡ଼ିଲା ଭୀଷଣ ଗତିରେ । ଆରମ୍ଭ ହେଲା ଝଡ଼ ।

କିନ୍ତୁ କଉଣ୍ଟି ସେତେବେଳ ପର୍ଯ୍ୟନ୍ତ କିଛି ଜାଣିନି । ସେ ଆନନ୍ଦରେ ମାତିଉଠିଛି ।

କଲ୍ୟାଣୀଠାରୁ ବିଦାୟ ନେଇ ଗୁଣୁଗୁଣୁ ଗୀତ ଗାଇ ଗାଇ ଉଚ୍ଛ୍ୱସିତ ଆନନ୍ଦରେ ଘରକୁ ଫେରୁଥିଲା ସେ । ତାର ମନ ହେଉଥିଲା ନାଚିବାକୁ, ଗାଇବାକୁ, ହସିବାକୁ; କିନ୍ତୁ ଏକାଥରକେ ସମସ୍ତ ହସ ଆନନ୍ଦ ଅଦୃଶ୍ୟ ହୋଇଗଲା ତା ମନରୁ ।

ଶୋଇବାକୁ ଯିବା ସମୟ । ସେ ଯେତେବେଳେ ଜାମା ଖୋଲିଲା, ହଠାତ୍ ତା ଆଖିରେ ପଡ଼ିଗଲା ଗୋଟିଏ ଅଦ୍ଭୁତ ଚିହ୍ନ । ଛାତିର ଚମଡ଼ା ଉପରେ ଗୋଟିଏ ଗୋଲ କୁଞ୍ଚିତ ଚିହ୍ନ ।

କଣ ହୋଇପାରେ ଚିହ୍ନଟା ? ସେ ବୁଝିପାରିଲାନି ।

ଗୋଟିଏ ଅଦ୍ଭୁତ ଚିହ୍ନ ! କି କୁତ୍ସିତ ଦେଖିବାକୁ !

ସେ ମନକୁ ମନ କହିଲା, "ମୋ ଦେହରେ ଏଭଳି କୁତ୍ସିତ ଚିହ୍ନଟା କଣ ହୋଇପାରେ ?"

କଣ ଗୋଟିଏ କଥା ମନେପଡ଼ିଯିବାରୁ ପାଉଁଶ ପରି ଧୂସର ବିବର୍ଣ୍ଣ ହୋଇଗଲା ତାର ମୁହଁ । ଶୀଘ୍ର ଶୀଘ୍ର ସେ ଯାଇ ଛିଡ଼ା-ହୋଇଗଲା ଦର୍ପଣ ସାମନାରେ । ଦର୍ପଣରେ ସ୍ପଷ୍ଟଭାବେ ଦେଖାଗଲା ଚିହ୍ନଟା ।

କଉସ୍ତୀର ମନେହେଲା ଦାନବ ଯେପରି ନିର୍ମମ ହସ୍ତରେ ତାର ତଣ୍ଟି ଚିପିଧରିଛି । ଆର୍ତ୍ତନାଦ କରିଉଠିଲା ସେ ତୀବ୍ରକଣ୍ଠରେ ।

"କୁଷ୍ଠ···!"

"ଏହା ଅପେକ୍ଷା ମୃତ୍ୟୁ ହେଲନାହିଁ କାହିଁକି ମୋର ?" ଗୋଟିଏ ଅଜଣା ଆତଙ୍କରେ ନିର୍ବାକ ହୋଇଗଲା ସେ । ଭାଗ୍ୟର ଏ କି ପରିହାସ ।

"କିନ୍ତୁ ବର୍ତ୍ତମାନ କଣ କରାଯାଇପାରେ ?

"କିଛି ନାହିଁ, କିଛି କରିବାର ନାହିଁ । ଭାଗ୍ୟର ନିଷ୍ଠୁର ଆଘାତ; ମୁଣ୍ଡ ପାତିନେଇ ମରଣରେ ଆତ୍ମସମର୍ପଣ କରିବା ଛଡ଼ା ଆଉ କୌଣସି ପନ୍ଥା ନାହିଁ ।"

ଭାଙ୍ଗି ପଡ଼ିଲା କଉସ୍ତୀ । ଗୋଟିଏ ନିଷ୍ଠୁର ଦାନବର ପାଦତଳେ ଯେପରି ପେଷିହୋଇଗଲା ତାର ସମସ୍ତ ଆଶା ଭରସା ।

ବିଛଣା ଉପରେ କଡ଼ମଡ଼ ହୋଇ ପଡ଼ିଲା ସେ । ଭାଙ୍ଗିପଡ଼ିଲା ଏକ ଅବରୁଦ୍ଧ କ୍ରନ୍ଦନରେ ।

"ଓଃ ! କଉସ୍ତୀ ! ତୁମକୁ ମୁଁ ହରାଇଲି ଚିରଦିନ ପାଇଁ । ମୋ ହାତର ସ୍ପର୍ଶରେ ତୁମର ସେହି ଫୁଲପରି ସୁନ୍ଦର କୋମଳ ଦେହ

ଏହି ଘୃଣିତ ରୋଗରେ ଭରିଉଠିବ । ନା ନା ! ଏହା କୌଣସିମତେ ହୋଇପାରେନା । ତୁମର ଜୀବନକୁ ମୁଁ ବ୍ୟର୍ଥ କରିଦେଇପାରିବିନି । କିନ୍ତୁ ମୋତେ ବଞ୍ଚାଇପାରିବା ଭଳି ପୃଥିବୀରେ କୌଣସି ଶକ୍ତି ନାହିଁ ।'

ନିଜର ଭବିଷ୍ୟତ କଥା ଚିନ୍ତା କରି ଶିହରି ଉଠିଲି ସେ ।

ସୁଦର୍ଶନ ସ୍ୱାସ୍ଥ୍ୟବାନ୍ କଉସ୍ତୁରିର ଦେହ ଗଳିତ ଦୁର୍ଗନ୍ଧମୟ କୁତ୍ସିତ କ୍ଷତମାନଙ୍କରେ ପୂରିଉଠିବ···

ଓଃ ! ଭଗବାନ, କଣ କଲ ତୁମେ ?

ନା, ଆଉ କୌଣସି ଭରସା ନାହିଁ । ବର୍ତ୍ତମାନ କେବଳ ବସି ବସି ପ୍ରତୀକ୍ଷା କରିବାକୁ ହେବ ମୃତ୍ୟୁକୁ । ବର୍ତ୍ତମାନ ଆତ୍ମହତ୍ୟା କରିବା ଛଡ଼ା ଆଉ କୌଣସି ପଥ ଖୋଲାନାହିଁ ମୋ ପାଇଁ ।

ଆତ୍ମହତ୍ୟା ! ଆତ୍ମହତ୍ୟା ଯେ ମହାପାପ ?

କିନ୍ତୁ ଏହି ଘୃଣିତ ବ୍ୟାଧି ନେଇ ବଞ୍ଚି ଜୀବନ୍ତ ନରକଭୋଗ କରିବା ଅପେକ୍ଷା ଆତ୍ମହତ୍ୟା ଅନେକ ଗୁଣରେ ଭଲ ।

ଯଦି ସେ ବଞ୍ଚିରହିବ, ତେବେ ତାର ଭବିଷ୍ୟତ ?

କୁତ୍ସିତ, ବୀଭତ୍ସ କଉସ୍ତୁରିକୁ ଯେତେବେଳେ କେହି ଭଲପାଇବେନି, କେହି ତା ପାଖରେ ରହିବାକୁ ଚାହିଁବେ ନାହିଁ, ଏପରିକି କଳ୍ପନା ପର୍ଯ୍ୟନ୍ତ—ସେତେବେଳେ କଣ କରିବ ସେ ? ଏକାକୀ, ଏକାବେଳକେ ନିଃସଙ୍ଗ ହେବ ତାର ଜୀବନ ।

ତା'ଠାରୁ ଆତ୍ମହତ୍ୟା ଅନେକଗୁଣରେ ଭଲ । ନିଶ୍ଚୟ ଏପରି ଅବସ୍ଥାରେ ଆତ୍ମହତ୍ୟା କଲେ କୌଣସି ପାପ ହେବନି ତାର ।

କଉସ୍ତୁରିର ମନ ଭିତରେ ଯେଉଁ ଝଡ଼ ବହୁଥିଲା, ତା ସହିତ ତାଳଦେଇ ଆକାଶରେ ବି ସେତେବେଳେ ଲାଗିରହିଥିଲା ଝଡ଼ର

ତାଣ୍ଡବ । ଚଡ଼ଚଡ଼ ଶବ୍ଦ କରି ଗୋଟିଏ ବଜ୍ର ପଡ଼ିଗଲା ନିକଟରେ କୌଣସି ସ୍ଥାନରେ ।

ବାରମ୍ବାର ଆଲୋଡ଼ିତ ହେଉଛି ତାର ମନରେ ମୃତ୍ୟୁ-ମୃତ୍ୟୁ-ମୃତ୍ୟୁ । ବର୍ତ୍ତମାନ ତାର ଏକମାତ୍ର ବନ୍ଧୁ ହେଉଛି ମୃତ୍ୟୁ ।

ତାହେଲେ ସେ କଣ ଆତ୍ମହତ୍ୟା କରିବ ?

ତାହାର ଏହି ପ୍ରଶ୍ନର ଉତ୍ତର ସ୍ୱରୂପ କିଏ ଯେପରି ଏକ ବିକଟ ସ୍ୱରରେ ହସିଉଠିଲା ଅତି ପାଖରୁ—ହା, ହା, ହା···।

ପ୍ରକୃତରେ ତାହା ଅଟ୍ଟହାସ୍ୟ ନୁହେଁ, ଝଡ଼ର କ୍ରୁଦ୍ଧ ଗର୍ଜନ; କିନ୍ତୁ କଉସ୍ତୀର ମନେହେଲା ଗୋଟିଏ ହିଂସ୍ର ଭୟାଳଦର୍ଶନ ଦାନବ ନିଷ୍ଠୁର ନଖାଘାତରେ ତାର ଭାଗ୍ୟକୁ ଛିନ୍ନଭିନ୍ନ କରିଦେଉଛି ।

ଭୟରେ ଆର୍ତ୍ତନାଦ କରି ଦୁଇହାତରେ ମୁହଁ ଢାଙ୍କିଲା କଉସ୍ତୀ । ଗୁମୁରି ଉଠିଲା ଅସହାୟ କ୍ରନ୍ଦନରେ—ଓଃ, କଳୁଷ୍ଟା !

କିନ୍ତୁ କ୍ରନ୍ଦନ କଲେ କୌଣସି ଲାଭ ଅଛି କି ? କ୍ରନ୍ଦନ ଆଘାତରେ ନିଜକୁ ଜୀର୍ଣ୍ଣ କରି କିଛି ଲାଭ ନାହିଁ ।

କୁହୁଡ଼ିଭରା ଚକ୍ଷୁରେ ପୁଣି ଦର୍ପଣ ଆଡ଼କୁ ଚାହିଁଲା ସେ ।

ହଁ, ଏଇ ତ ସେହି କୁତ୍ସିତ ଚିହ୍ନଟା । ଦିନେ—ସେଦିନ ବୋଧହୁଏ ଅତି ନିକଟରେ—ଏହି ଗୋଲାକାର ଶ୍ୱେତ ଚିହ୍ନଟା ବିଂଛିହୋଇପଡ଼ିବ ତାର ସମସ୍ତ ଦେହରେ ! ତା'ପରେ···ତା'ପରେ ।

ତା'ପରେ ଆଉ ଭାବିପାରିଲାନି କଉସ୍ତୀ । ପାଦ ପକାଇ ପଳାଇ ଗଲା କାନ୍ଥ ଆଲମାରି ନିକଟକୁ । ଆଲମାରିଟି ଖୋଲି ବାହାରକଲା ଗୋଟିଏ ଚକଚକିଆ ରିଭଲଭର । ଶ୍ୱେତ ଡକାୟତଙ୍କ କବଳରୁ ରକ୍ଷା ପାଇବାପାଇଁ କିଣିଥିଲା ସେ ଏଇଟାକୁ । ରକ୍ଷା ! ହଁ, ଏଥର ଏକବାରେ ରକ୍ଷାପାଇଯିବ ସେ ।

ରିଭଲଭରଟିରେ ଗୁଳି ଭର୍ତ୍ତିକଲା କଉସ୍ତୀ ।

ହଁ, ଆତ୍ମହତ୍ୟା ହିଁ ସେ କରିବ । ମୃତ୍ୟୁ ହିଁ ତାର ଏକମାତ୍ର ବନ୍ଧୁ । ସେହି ବନ୍ଧୁର କୋଳରେ ଯେତେ ଶୀଘ୍ର ନିଜକୁ ସମର୍ପଣ କରିଯାଇପାରେ, ସେତେ ଭଲ ।

କପାଳରେ ରିଭଲଭର ଛୁଆଇଁ ଟ୍ରିଗାର୍‌ରେ ସେ ଆଙ୍ଗୁଠି ଥୋଇଲା । ଏଥର କେବଳ ଗୋଟିଏ ମାତ୍ର ଚାପ । ତା'ପରେ ସବୁ ଶେଷ ।

## ଦଶ

ଟ୍ରିଗାରରେ ଚାପ ଦେବାକୁ ଗଲାବେଳେ ଅଟକିଗଲା କଉସ୍ତୀର ଆଙ୍ଗୁଠି ।

"କାହିଁକି ? କାହିଁକି ମୁଁ ଆତ୍ମହତ୍ୟା କରିବି ?" ହଠାତ୍ ତାର ମନେପଡ଼ିଲା ସେହି ବୋତଲ କଥା ।"

ରିଭଲ୍‌ଭର୍‌ଟି ତଳେ ଥୋଇଦେଇ ମନକୁ ମନ ସେ କହିଲା, ସେହି ନରକ ଭୂତର କୃପାରୁ ହୁଏତ ଏହି ରୋଗ ଭଲ ହୋଇ-ଯାଇପାରେ । ସେହି ଭୌତିକ ବୋତଲଟି ମୋର ଦରକାର ।

କିନ୍ତୁ କେଉଁଠି ଅଛି ସେହି ବୋତଲ ?

× × × ×

ତହିଁ ଆର ଦିନ ସକାଳ···

କଉସ୍ତୀ ନିଦରୁ ଉଠିଲା ଗୁଣୁଗୁଣୁ ଗୀତ ଗାଇ ଗାଇ । ପୃଥିବୀରେ ଯେ ଏତେ ଆନନ୍ଦ ଅଛି, ତାହା ସେ କେବେ କଳ୍ପନା

ମଧ୍ୟ କରିନଥିଲା । ମନ ଆନନ୍ଦରେ ସେ କଣ ଯେ କରିବ ତାହା ଠିକ୍ କରିପାରିଲାନି ।

ଏହିପରି ଭାବରେ କେତେ ସମୟ ଯେ କଟିଗଲା ତାହା ସେ ନିଜେ ଜାଣିପାରିନି ।

ଆନନ୍ଦର ପ୍ରଥମ ଆବେଗ ଯେତେବେଳେ ତାର କମିଲା, ସେତେବେଳେ ହଠାତ୍ ତାର ଖିଆଲ ହେଲା, କଉସ୍ତୁରୀ ବର୍ତ୍ତମାନ ପର୍ଯ୍ୟନ୍ତ ତାର ଘରକୁ ଆସିନି କାହିଁକି ? ଅଥଚ ଦ୍ୱିପ୍ରହର ଗଡ଼ି ଯାଇ କ୍ରମଶଃ ଅପରାହ୍ଣ ହେଲାଣି ।

ବିସ୍ମୟରେ ସ୍ତମ୍ଭିତ ହୋଇଗଲା କଲୁସ୍ତା । ତାର ତ ସକାଳ ବେଳା ଆସିବା କଥା; ଅଥଚ ଅପରାହ୍ଣ ଆସି ହେଲାଣି । ତଥାପି ଦେଖା ନାହିଁ ! ତାର କ'ଣ ହେଲା ତେବେ ?

ସନ୍ଦେହରେ ଦୋହଲିଗଲା ତାର ମନ ।

ଈଶ୍ୱର ନ କରନ୍ତୁ, କଉସ୍ତୁରୀର ଭଲ ମନ୍ଦ ଗୋଟାଏ କିଛି ହୋଇନି ତ ? ସିଏ ତ କଥାରେ ଖିଲାପ କରିବା ମଣିଷ ନୁହେଁ । ତେବେ କାହିଁକି ଆସିଲାନି ସେ ?

ଦୁର୍ଭାବନାରେ ମଳିନ ହୋଇଗଲା ତାର ମୁହଁ । ନିଶ୍ଚୟ ଭଲ ମନ୍ଦ ଗୋଟାଏ କିଛି ଘଟିଛି; କିନ୍ତୁ ତାହା କଣ ହୋଇପାରେ ?

ପୋଷାକପତ୍ର ପିନ୍ଧି ସେ ବାହାରିପଡ଼ିଲା କଉସ୍ତୁରୀର ବାସଭବନ ଉଦ୍ଦେଶ୍ୟରେ । ଦ୍ରୁତଗତିରେ ଯାଇ ପହଞ୍ଚିଗଲା ବାସଭବନର ସଦର ଦରଜା ସାମନାରେ ।

ଘରର ଝରକା କବାଟ ସବୁ ବନ୍ଦ । ତେବେ କ'ଣ ସେ ସେଠି ଘରେ ନାହିଁ ? କିନ୍ତୁ ଯିବ କେଉଁଠିକି ?

ସେ ଶୀଘ୍ର ଶୀଘ୍ର ବଗିଚାର ମାଳୀଘର ଆଡ଼କୁ ଗଲା ।

ମାଳୀକୁ ପଚାରିଲା କଲ୍ୟୁଷ୍ଟା କଉସ୍ଥି ସମ୍ବନ୍ଧରେ । ମାଳୀ କହିଲା, "ଘରୁ କଉସ୍ଥି ଜିନିଷପତ୍ର ନେଇ ବାହାରକୁ ଯାଇଛନ୍ତି । କେଉଁଠିକି ଯାଇଛନ୍ତି, ତାହା କହିପାରିବିନି । ତେବେ ତାଙ୍କ ଢଙ୍ଗ-ଢାଙ୍ଗରୁ ମନେହେଉଛି ଦୂରର କୌଣସି ସ୍ଥାନକୁ ଯାଇଛନ୍ତି ସେ । କେବେ ଫେରିବେ ସେକଥା କହିଯାଇ ନାହାନ୍ତି ।"

ଏସବୁ ଶୁଣି କଲ୍ୟୁଷ୍ଟା କିଛି ବୁଝିପାରିଲାନି । ମନକୁ ମନ ସେ କହିବାକୁ ଲାଗିଲା, "ହଠାତ୍ ଏପରି କଣ ଦରକାର ପଡ଼ିଲା ଯେ ସେ ଦୂର ଦେଶକୁ ଚାଲିଯାଇଛି । ମୋତେ ଟିକିଏ ନ ଜଣାଇ ଦେଖା ନ କରି ଚାଲିଗଲା ସେ !"

ଅନ୍ତରରେ ଗଭୀର ହତାଶା ଓ ବେଦନା ନେଇ ନିଜ ଘରକୁ ଫେରିଲା କଲ୍ୟୁଷ୍ଟା ।

ସମସ୍ତ ଘଟଣା ରହସ୍ୟମୟ ବୋଲି ମନେହେଉଥିଲା ତାର । ନାନା ସନ୍ଦେହରେ ତା'ର ମୁଖ ପାଣ୍ଡୁର ହୋଇଗଲା ।

× × × ×

ଘରୁ ସାମାନ୍ୟ କିଛି ଜିନିଷପତ୍ର ନେଇ ଜାହାଜଘାଟରେ ଯାଇ ହାଜର ହେଲା କଉସ୍ଥି । ଖବର ନେଇ ଜାଣିଲା ଯେ ପନ୍ଦର-ମିନିଟ୍ ଭିତରେ ହନଲୁଲୁ ଉଦ୍ଦେଶ୍ୟରେ ଗୋଟିଏ ଜାହାଜ ଛାଡ଼ିବ । ସେ ଶୀଘ୍ର ଖଣ୍ଡିଏ ଟିକେଟ କାଟି ଜାହାଜରେ ଯାଇ ବସିଲା ।

ଜାହାଜରେ ବସି ସାରିବା ପରେ ତାର ମନେପଡ଼ିଲା, ଆରେ, କଲ୍ୟୁଷ୍ଟାକୁ ତ କିଛି ନ ଜଣାଇ ସେ ଚାଲିଆସିଛି ! ହଠାତ୍ କଉସ୍ଥିର ନଜର ପଡ଼ିଲା—ତାର ଜଣେ ବନ୍ଧୁ ଘାଟରେ ଛିଡ଼ା ହୋଇଛନ୍ତି । ତତକ୍ଷଣାତ୍ ସେ ଡାକିଲା ତାକୁ ।

ସେ ଡାକ ଶୁଣି ବନ୍ଧୁଜଣକ ଦ୍ରୁତପଦରେ ଜାହାଜ ଉପରକୁ ଉଠିଆସି ପ୍ରଶ୍ନ କଲା, "ଖବର କଣ ? ବାହାରିଛ କୁଆଡ଼େ ?"

"ଆଉ କଣ କହିବି ଭାଇ ? ହଠାତ୍ ଗୋଟିଏ ଜରୁରୀ କାର୍ଯ୍ୟରେ ଯିବାକୁ ପଡ଼ୁଛି ହନଲୁଲୁକୁ । ଅଥଚ କି ଭୁଲା ମନ, ଦେଖ ତ ! ଆସିଲାବେଳେ କଲ୍ୟୁପ୍ସାକୁ ଜଣାଇପାରିନି । ସେଥିପାଇଁ ତୁମକୁ ଗୋଟିଏ କାମ କରିବାକୁ ହେବ । ମୁଁ ଖଣ୍ଡିଏ ଚିଠି ଲେଖି ଦେଉଛି । ତୁମେ ସେଇଟା ନେଇ ତାକୁ ଦେଇଦେବ ।"

ବନ୍ଧୁଟି କହିଲେ, "ବେଶ୍ ; କିନ୍ତୁ ମୋର ହୁଏତ ସେଠି ପହଞ୍ଚିଲା ବେଳକୁ ରାତି ହୋଇଯିବ । କାରଣ ମୋର କାମ ଏଠି ସରୁ ସରୁ ହୁଏତ ସନ୍ଧ୍ୟା ହୋଇଯାଇପାରେ ।"

"ଠିକ୍ ଅଛି । ସେତେବେଳେ ଘରକୁ ଫେରିଲାବେଳେ ତାକୁ ଚିଠିଟା ଦେଇଦେଲେ ଚଳିବ ।"

ଏଇଆ କହିଦେଇ ସେ କଲ୍ୟୁପ୍ସା ପାଖକୁ ଚିଠି ଖଣ୍ଡିଏ ଲେଖିଲା—

"କଲ୍ୟୁପ୍ସା,

ହଠାତ୍ ଗୋଟିଏ ଜରୁରୀ କାମ ବିନା ନୋଟିସ୍‌ରେ ମୋ ହାତରେ ପଡ଼ିବାରୁ ମୋତେ ଏହିକ୍ଷଣି ହନ୍‌ଲୁଲୁ ଯିବାକୁ ପଡ଼ୁଛି । ଭୋର୍‌ରୁ ଜାହାଜ ଛାଡ଼ୁଛି ବୋଲି ତୁମ ସହିତ ଦେଖା କରି ପାରିଲିନି । ତେଣୁ ଦୁଃଖିତ ; କିନ୍ତୁ କାମଟା ଏତେ ଜରୁରୀ ଯେ ଲୋକଙ୍କ ସଙ୍ଗେ ଏହିକ୍ଷଣି ଦେଖାନକଲେ ନ ଚଳେ । ତୁମେ ମୋ ପାଇଁ କୌଣସି ଚିନ୍ତା କରିବ ନାହିଁ । ଫେରିଲେ ସବୁ ଶୁଣିବାକୁ ପାଇବ । ଇତି ।

କାଉପ୍ପୀ"

ବନ୍ଧୁଟି ଚିଠିଖଣ୍ଡିକ ନେଇ ଜାହାଜରୁ ଓହ୍ଲାଇ କୂଳକୁ ଆସିବାମାତ୍ରେ ଜାହାଜ ଛାଡ଼ିଦେଲା । ବନ୍ଧୁ ରୁମାଲ ହଲାଇ ବିଦାୟ ଅଭିନନ୍ଦନ ଜଣାଇଲା କଉଯ୍ପୀକୁ ।

ଧୀରେ ଧୀରେ ଅଦୃଶ୍ୟ ହୋଇଗଲା ସାଗରତୀର । ଜାହାଜ ଆଗେଇ ଚାଲିବାକୁ ଲାଗିଲା ସମୁଦ୍ରବକ୍ଷ ଅତିକ୍ରମ କରି । କଉଯ୍ପୀ ଭାବିବାକୁ ଲାଗିଲା କେତେବେଳେ ଜାହାଜ ପହଞ୍ଚିବ ହନ୍‌ଲୁଲୁରେ ; ଆଉ କେତେବେଳେ ସେ ଲୋପାକାଠାରୁ କିଣିବ ସେହି ଭୌତିକ ବୋତଲଟାକୁ ।

ସମୁଦ୍ରର ଜଳ କାଟି ଜାହାଜଟି ଆଗେଇଯାଉଥିଲା ହନ୍‌ଲୁଲୁ ଆଡ଼କୁ, କିନ୍ତୁ କଉଯ୍ପୀର ମନେହେଲା ଜାହାଜଟା ଯେପରି ମୋଟେ ଗତି କରୁନି ।

ଯଦି ସମ୍ଭବ ହୁଅନ୍ତା, ତା'ହେଲେ ସେ ଡେଣା ମେଲାଇ ଉଡ଼ିଯା'ନ୍ତା ସେଠାକୁ । କିନ୍ତୁ ଏହା କଣ ସମ୍ଭବ ? ତେଣୁ ସେ ନିରୁପାୟ ହୋଇ ଠିଆହୋଇ ରହିଲା ଡେକ୍ ଉପରେ ରେଲିଂ ଧରି ।

ଅବଶେଷରେ ଅବସାନ ହେଲା ତାର ଏହି ସୁଦୀର୍ଘ ପ୍ରତୀକ୍ଷା । ହନ୍‌ଲୁଲୁର ଜାହାଜଘାଟରେ ଲଙ୍ଗର ପକାଇଲା ଜାହାଜଟି ।

କଉଯ୍ପୀ ଆଉ ମୁହୂର୍ତ୍ତିଟିଏ ଡେରି କଲାନି । ସଙ୍ଗେ ସଙ୍ଗେ ଓହ୍ଲାଇ ପଡ଼ି ଲୋପାକାର ସନ୍ଧାନରେ ବାହାରିଗଲା । ଲୋପାକାକୁ ଖୋଜି ଖୋଜି ସେ ଅସ୍ଥିର ହୋଇଗଲା, କିନ୍ତୁ ତା'ର କୌଣସି ସନ୍ଧାନପାଇଲାନି । କଉଯ୍ପୀ ଶେଷରେ ନିରାଶ ହୋଇ ଫେରିଆସିଲା ଜାହାଜକୁ ।

ଆଶ୍ଚର୍ଯ୍ୟ ! ସେହିଠାରେ ହିଁ ମିଳିଗଲା ଲୋପାକାର ଠିକଣା । କଉଯ୍ପୀ ସିଧା ଯାଇ ପହଞ୍ଚିଲା ଲୋପାକାର ବସାରେ ।

ବାହାରୁ କଣ୍ଢା ହଲାଇବାକ୍ଷଣି ଲେପାକାର ସ୍ତ୍ରୀ ଆସି କବାଟ ଖୋଲିଲା । ତାକୁ ଦେଖି କଉସ୍ତ୍ରୀ ମନରେ ଟିକିଏ ଆଶା ସଞ୍ଚାର ହେଲା ।

ଲେପାକା ସେତେବେଳେ ସେଠାରେ ନଥିଲା । ଏହି କଥା ଜଣାଇଲା ତା ସ୍ତ୍ରୀ; କହିଲା—ଲେପାକା ତ ତାହାର ଜାହାଜ ନେଇ ବ୍ୟବସାୟ ଉଦ୍ଦେଶ୍ୟରେ ଚାଲିଥିବ ସମୁଦ୍ରବକ୍ଷରେ । ଖୁବ୍ ଶୀଘ୍ର ତାଙ୍କର ଫେରିବାର କୌଣସି ସମ୍ଭାବନା ନାହିଁ ।

କଉସ୍ତ୍ରୀ ମୁଣ୍ଡରେ ଯେପରି ଆକାଶ ଭାଙ୍ଗି ପଡ଼ିଲା । କୌଣସି ଆଶା ଭରସା ରହିଲାନି ତାହାର । ମୃତ୍ୟୁ ଛଡ଼ା ମୁକ୍ତିର ଆଉ ବୋଧେ କୌଣସି ଉପାୟ ନାହିଁ ।

କିନ୍ତୁ ବିନା ଚେଷ୍ଟାରେ ମୃତ୍ୟୁକୁ ମାନିନେବାକୁ ମନ ବଳିଲାନି ତାହାର । ମନେ ମନେ ସେ କହିଲା, "ହଁ, ଚେଷ୍ଟା କରିବି । ଥରେ ମୋତେ ଶେଷ ଚେଷ୍ଟା କରିବାକୁ ପଡ଼ିବ । ଯେପରି ହେଉ, ସେହି ବୋତଲ ଆଉ ତା ମାଲିକକୁ ଖୋଜି ବାହାର କରିବାକୁ ହେବ ହିଁ ହେବ ।"

## ଏଗାର

ଗୋଟିଏ ଭୌତିକ ବୋତଲ ଆଉ ତାର ମାଲିକକୁ ଖୋଜି ବାହାର କରିବା ସହଜ ନୁହେଁ । ବୁଲି ବୁଲି କଉସ୍ତ୍ରୀ ଯେତେବେଳେ ନିରାଶ ହୋଇପଡ଼ିଲା, ସେତେବେଳେ ତାର ମନେହେଲା ବୋତଲ ଆଉ ତା ମାଲିକକୁ ଖୋଜି ବାହାର କରିବା ସମ୍ଭବ ଆଉ ନୁହେଁ ।

ଏହାପରେ କଣ କରିବ ଭାବି ଭାବି ଠିକ୍ କରିପାରିଲେନି କଉସ୍ତୀ ।

ଲୋପାକାକୁ କଣ ଅପେକ୍ଷା କରିବ ? କିନ୍ତୁ କେତେ ଦିନ ପରେ ସେ ଫେରିବ, ତାର କିଛି ଠିକଣା ନାହିଁ । ସେତେବେଳକୁ ଏହି କୁତ୍ସିତ ଦାଗଟା ବଢ଼ି ବଢ଼ି ତାର ସମଗ୍ର ଦେହ ପଚିନଯିବ ବୋଲି କିଏ କହିବ ?

ସେତେଦିନ ଯାଏ ଅପେକ୍ଷା କରିବା କଣ ସମ୍ଭବ ?

ଅସହାୟଭାବରେ ଭାବିବାକୁ ଲାଗିଲା କଉସ୍ତୀ ।

ଭାବି ଭାବି ତାର ବୁଦ୍ଧି ଯେପରି ବଣାହୋଇଯାଉଛି । ଆଉ ତା' ମୁଣ୍ଡ ଭିତରେ ଜଳୁଛି ଯେପରି ନିଆଁ ଦାଉ ଦାଉ ହୋଇ । ଭାବିବାର ଶକ୍ତି ମଧ୍ୟ ହରାଇଛି ସେ ଧୀରେ ଧୀରେ । ମାତାଲ ପରି ଟଳି ଟଳି ସନ୍ଧ୍ୟାରେ ଅସ୍ପଷ୍ଟ ଅନ୍ଧକାର ଭିତରେ ଘୂରିବୁଲେ ସେ ।

ତା'ପରେ ଧୀରେ ଧୀରେ ଗଭିର ଅନ୍ଧକାର ଘନେଇ ଆସେ ଚତୁର୍ଦ୍ଦିଗରୁ । ଚାଲିବାରେ ବେଶି ପରିଶ୍ରମ ହୁଏ ତାର; ତଥାପି ସେ ଚାଲେ । ଠିଆହେଲେ ସେ ଅନୁଭବ କରେ ଚତୁର୍ଦ୍ଦିଗର ନିସ୍ତବ୍ଧତା । ଧୀରେ ରାତିର ସୀମାହୀନ ଅନ୍ଧକାର ଓହ୍ଲାଇ ଆସେ ତା ଚତୁର୍ଦ୍ଦିଗରୁ ।

କୌଣସି ଏକ ସରାଇଖାନାରେ ଆଶ୍ରୟ ନେବା ପାଇଁ ସେ ଆଗେଇଚାଲେ ସରାଇଖାନା ଅଭିମୁଖେ । ସରାଇଖାନାରେ ପହଞ୍ଚି-ଯାଇ ସେ ବସିପଡ଼େ ଗୋଟିଏ ଚେୟାର ଉପରେ ହତାଶଭାବେ । ସେ ଅନୁଭବ କରେ ତୀବ୍ର କ୍ଷୁଧାର ଜ୍ୱାଳା । ସେ ଶୀଘ୍ର ଶୀଘ୍ର କିଛି ଖାଇବାକୁ ଆଣିଦେବା ପାଇଁ ଆଦେଶ ଦିଏ ।

ଖାଇସାରିବା ପରେ ଦେହଟା ତାର ଯେପରି ସତେଜ ହୋଇଉଠେ । ସେ ପୁଣି ବୁଡ଼ିଯାଏ ଭାବନାର ଅତଳ ଅନ୍ଧକାରରେ ।

ହଠାତ୍ ତା ପାଖ ଟେବୁଲରେ ଆହାରରତ କେତେ ଜଣ ଲୋକଙ୍କ କଥାବାର୍ତ୍ତା ଆସି ପଡ଼େ ତା' କାନରେ ଅସ୍ପଷ୍ଟ ଭାବରେ । ସଙ୍ଗେ ସଙ୍ଗେ ତାର ଚକ୍ଷୁ ସାମନାରେ ଯେପରି ଫୁଟିଉଠେ ଆଶାର ଆଲୋକ । ସେ କାନପାତି ଭଲକରି ଶୁଣିବାକୁ ଚେଷ୍ଟାକରେ ସେମାନଙ୍କର କଥାବାର୍ତ୍ତା ।

"ଆଗରୁ ତ ଖାଇବାକୁ ପାଉନଥିଲା—ବର୍ତ୍ତମାନ ହଠାତ୍ ବଡ଼ଲୋକ ହୋଇଯାଇ ଲୋକଟାର ମିଜାଜ ଯାହା ହୋଇଛି, ଯେପରି ଏକ ନବାବ ! ତାର ଏହି ନବାବୀ ମେଜାଜ୍ ପାଇଁ ସେଦିନ ଏପରି ରାଗ ହୋଇଥିଲି ଯେ ଆଉ ଟିକକୁ ହାତାହାତି ହୋଇ-ଯାଇଥାନ୍ତା ।"

"କିନ୍ତୁ ଲୋକଟା ହଠାତ୍ ବଡ଼ଲୋକ ହୋଇଗଲା କିପରି ? ସେ କଥାର ଟେର ମୋଟେ ପାଉନି ମୁଁ ।"

ପ୍ରଥମ ଲୋକଟି କହେ, "ଖୁବ୍ କମ୍‌ରେ ଲୋକଟା ବର୍ତ୍ତମାନ କେତେ କୋଟି ଟଙ୍କାର ମାଲିକ । କିଛି ଗୁପ୍ତଧନ ବୋଧହୁଏ ପଡ଼ିଛି ତା ହାତରେ ।"

ଦ୍ୱିତୀୟ ଲୋକଟି କହେ, "ରାତାରାତି ଲୋକଟାର ଭାଗ୍ୟ ପରିବର୍ତ୍ତନ ହୋଇଯାଇଛି ।"

ତୃତୀୟ ଲୋକଟି କହେ, "ମୋର ମନେହୁଏ, ଲୋକଟା ଚୋରାମାଲ କାରବାର କରେ ।"

"ହେଃ—ଚୋରାମାଲ କାରବାର କରି ରାତାରାତି କେହି କେବେ ବଡ଼ଲୋକ ହେବାର ଦେଖିଛ ? ନା, ନା, ସେସବୁ ବାଜେ କଥା ! ଲୋକଟା ଯେତେ ଖରାପ ହେଉନା କାହିଁକି, ଦେଖିଲେ ମନେ ହୁଏ ନାହିଁ ଯେ ସେ ଚୋରାମାଲ ବ୍ୟବସାୟ କରେ ।"

"କିନ୍ତୁ ତାର ବଡ଼ଲୋକ ହେବାର ଆରମ୍ଭ ଆଉ ଶେଷଟା ହିଁ ରହସ୍ୟାବୃତ ।" ତୃତୀୟ ଲୋକଟି କହେ । ସେ ଏତେବେଳଯାଏ ନୀରବ ହୋଇ ବସିଥିଲା । ତାପରେ ସେ କଥାକୁ ବୁଲାଇ ନେଲା, "ତୁମମାନଙ୍କର ବୋଧହୁଏ ପରଚର୍ଚ୍ଚା ଛଡ଼ା ଆଉ କିଛି କାମ ନାହିଁ ?"

ସେତେବେଳେ ଲୋକଗୁଡ଼ିକ ଲଜ୍ଜିତ ହୋଇ ଅନ୍ୟ କଥା ଆଲୋଚନାରେ ରତ ହେଲେ ।

କିନ୍ତୁ କଉସ୍ତୀର ମନେହେଲା, ଯେଉଁ ଲୋକଟା କଥା ସେମାନେ ଏତେବେଳଯାଏଁ ଆଲୋଚନା କରୁଥିଲେ, ତାର ବଡ଼-ଲୋକ ହେବା ପଛରେ ନିଶ୍ଚୟ ସେହି ଭୌତିକ ବୋତଲର ହାତ ଅଛି । ସେ ସଙ୍ଗେ ସଙ୍ଗେ ତା ଟେବୁଲ ଛାଡ଼ି ଚାଲିଗଲା ସେମାନଙ୍କ ନିକଟକୁ ।

ଜଣେ ଅପରିଚିତ ବ୍ୟକ୍ତି ତାଙ୍କ ପାଖକୁ ଆସିବା ଦେଖି ସେମାନେ ସବିସ୍ମୟେ ତା'ଆଡ଼କୁ ଚାହିଁରହିଲେ ଜିଜ୍ଞାସୁନୟନରେ ।

କଉସ୍ତୀ ସବିନୟରେ କହିଲା, "ଆପଣମାନଙ୍କୁ ବିରକ୍ତ କରିବାକୁ ଆସିଲି; କିଛି ମନେନକଲେ ଗୋଟିଏ କଥା ପଚାରିବି ।"

"କଣ ପଚାରିବେ ପଚାରନ୍ତୁ ।"

"ଏତେବେଳଯାଏ ଆପଣମାନେ ଯେଉଁ ଲୋକଟି କଥା ନେଇ କଥାବାର୍ତ୍ତା କରୁଥିଲେ—ସେହି ଲୋକଟି ମୋର ଦରକାର । ଯଦି ଅନୁଗ୍ରହ କରି ଲୋକଟିର ନାମ ଠିକଣା ଜଣାଇ ଦିଅନ୍ତେ, ତାହା-ହେଲେ ଚିରକୃତଜ୍ଞ ରହନ୍ତି ଆପଣମାନଙ୍କ ନିକଟରେ ।"

ଲୋକମାନେ ନିଜ ନିଜ ଭିତରେ କିଛି ବେଳ ଚାହାଁଚାହିଁ ହେଲେ । ଲକ୍ଷ୍ୟ କଲେ କଉସ୍ତୀର ଆପାଦମସ୍ତକ । ତା'ପରେ ଜଣେ ଲୋକ ତାକୁ ସେ ଲୋକର ଠିକଣା ବତାଇଦେଲା ।

ସେମାନଙ୍କୁ ଅଜସ୍ର ଧନ୍ୟବାଦ ଜଣାଇ ଚାଲି ଯାଉ ଯାଉ କଉସ୍ତୀ ଶୁଣିବାକୁ ପାଇଲା, ଲୋକଗୁଡ଼ାକ କୁହାକୁହି ହେଉଛନ୍ତି,

ଏ ନିଶ୍ଚୟ କୌଣସି ଗୋଏନ୍ଦା । ଆଗରୁ ଜାଣେ, ଲୋକଟାର ହଠାତ୍ ଧନୀ ହେବା ପଛରେ କୌଣସି ଅସତ୍ ଉପାୟ ଅଛି ।

କଉପ୍ପୀ ସରାଇଖାନା ବାହାରକୁ ଆସିଲାବେଳକୁ ରାତି ବେଶି ହୋଇନ । ରାସ୍ତାର ଦୁଇ ଧାରରେ ଦୋକାନମାନଙ୍କରେ ଲୋକଭିଡ଼ । ଆଲୋକମାଳାରେ ଝଲମଲ କରୁଥିଲା ଚତୁର୍ଦ୍ଦିଗ । ସେ ଦ୍ରୁତପଦରେ ଆଗେଇଲା ସେହି ହଠାତ୍ ଧନପ୍ରାପ୍ତ ବ୍ୟବସାୟୀଙ୍କ ଦୋକାନ ଆଡ଼କୁ ।

ଅଳ୍ପ ସମୟ ପରେ କଉପ୍ପୀ ପହଞ୍ଚିଗଲା ଦୋକାନ ପାଖରେ । ଦେଖିଲା, ବିରାଟ ଭିଡ଼ ହୋଇଛି ଦୋକାନ ସାମନାରେ । ଅତି କଷ୍ଟରେ ସେ ଭିଡ଼ ପାରହୋଇ ଦୋକାନରେ ପହଞ୍ଚି ପଚାରିଲା ମାଲିକଙ୍କ ସମ୍ବନ୍ଧରେ ଜଣେ ଲୋକକୁ । ଲୋକଟା ସଙ୍ଗେ ସଙ୍ଗେ ତାକୁ ନେଇ ପହଞ୍ଚାଇଦେଲା ମାଲିକଙ୍କ ପାଖରେ ।

ଦୋକାନର ମାଲିକ କଉପ୍ପୀର ଦାମିକା ପୋଷାକ ଓ ସୁଠାମ ଚେହେରା ଦେଖି ସବିନୟରେ ବସିବାକୁ ଇଙ୍ଗିତ ଦେଲେ । ତା'ପରେ ପଚାରିଲେ ଆଗମନର କାରଣ ।

କଉପ୍ପୀ କହିଲା, "ମୁଁ ଭୀଷଣ ବିପଦରେ ପଡ଼ି ଆପଣଙ୍କ ନିକଟକୁ ଆସିଅଛି । ଆପଣଙ୍କ କଥା ଉପରେ ମୋର ଜୀବନ-ମରଣ ନିର୍ଭର କରୁଛି । ହୁଏତ ଯେଉଁ କଥା ମୁଁ ଜାଣିବାକୁ ଚାହୁଁଛି, ସେଇଟି ମୋ ତରଫରୁ ଧୃଷ୍ଟତାର ପରିଚାୟକ ; କିନ୍ତୁ ତଥାପି ତାହା ନପଚାରିଲେ ମୋର ନଚଳେ ।"

ଭଦ୍ରବ୍ୟକ୍ତି ଜିଜ୍ଞାସୁ ନୟନରେ ଚାହିଁ କହିଲେ, "କହନ୍ତୁ, କ'ଣ ଜାଣିବାକୁ ଚାହାନ୍ତି ଆପଣ ?"

କଉପ୍ପୀ କହିଲା, "ମୁଁ ଗୋଟିଏ ବୋତଲର ଖବର ଜାଣିବାକୁ ଚାହୁଁଛି । ବୋତଲଟି ଦୁଧ ରଙ୍ଗର, ପେଟ ମୋଟା ଓ ବେକ ଲମ୍ବା । ଆଶା କରେ ବୋତଲଟିର ବିଶେଷ କ୍ଷମତା ସମ୍ବନ୍ଧରେ ଆପଣ ଅବଗତ ଅଛନ୍ତି । ତେଣୁ ସେହି ନରକର ବୋତଲଟା···"

କଉସ୍ମୀର କଥା ଶୁଣି ଚମକଉଠିଲେ ଭଦ୍ରଲୋକ । ତାଙ୍କର ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା ।

ଦୁଇ ତିନ ମିନିଟ୍ ଉଭୟେ ନୀରବ ରହିଲା ପରେ ଭଦଲୋକ ଜଣକ କହିଲେ, "ହଁ ଆଜ୍ଞା, ସେହି ନରକର ସାଙ୍ଘାତିକ ବୋତଲଟା ମୁଁ କିଣିଥିଲି । ଯଦିଓ ମୋର ଆଜିକାର ସୌଭାଗ୍ୟ ମୂଳରେ ସେହି ବୋତଲଟା, ତଥାପି ତାର କଥା ମୋ ନିକଟରେ ଅସହ୍ୟ ।"

"ଆପଣ କଣ ବୋତଲଟାକୁ ଲୋପାକା ନିକଟରୁ କିଣିଥିଲେ ?"

ଭଦ୍ରଲୋକ ମୁଣ୍ଡ ହଲାଇ କହିଲେ, "ହଁ । ଉଃ, ସେହି ନରକର ବୋତଲଟା ବିକ୍ରି କରିବାକୁ ମୋତେ ଯାହା ଭୋଗିବାକୁ ହୋଇଛି, ସେ କଥା ଭାବିଲେ ଦେହ କମ୍ପି ଉଠେ ।"

କଉସ୍ମୀ ପ୍ରଶ୍ନ କଲା, "ଆପଣ କଣ ତେବେ ବୋତଲଟି ବିକ୍ରି କରିଦେଇଛନ୍ତି ?"

"ହଁ, କିନ୍ତୁ ବୋତଲଟା କ'ଣ ଆପଣଙ୍କର ନିହାତି ଦରକାର ?"

"ବୋତଲଟା ନପାଇଲେ ମୋର ଆଦୌ ଚଳିବନି ।"

ଭଦ୍ରଲୋକ କହିଲେ,"ଶୁଣିଛି, ମୋ ପରେ ବୋତଲଟି ଅନେକ ହାତ ବଦଳିଛି । କିଛିଦିନ ହେଲା ଶୁଣୁଛି, ବୋତଲଟା କୁଆଡ଼େ ବର୍ତ୍ତମାନ ବେରେଟାନିଆ ଷ୍ଟ୍ରିଟ୍‌ର ଜଣେ ଭଦ୍ରଲୋକଙ୍କ ନିକଟରେ ପହଞ୍ଚିଛି । ଅଳ୍ପ ଦିନ ହେଲା ସେ କିଣିଛନ୍ତି । ଆପଣ ସେ ଲୋକ ପାଖକୁ ଯାଇପାରନ୍ତି ।"

କଉସ୍ମୀ ଭଦ୍ରଲୋକଙ୍କଠାରୁ ନାମ ଓ ଠିକଣା ଟିପିନେଇ ରସ୍ତାରେ ଆସି ଛିଡ଼ାହେଲା । ବେରେଟାନିଆ ଷ୍ଟ୍ରିଟ୍ ଅଭିମୁଖରେ ଅଗ୍ରସର ହେଲା କଉସ୍ମୀ ।

ନିର୍ଦ୍ଦିଷ୍ଟ ଘରକୁ ଯାଇ ଜଞ୍ଜିର ହଲାଇଲା ସେ । ପ୍ରଥମେ

କୌଣସି ପ୍ରତ୍ୟୁତ୍ତର ମିଳିଲାନାହିଁ । ଦ୍ୱିତୀୟ ଥର ଘଣ୍ଟି ର ହଲାଇବାରୁ ଜଣେ ଭଦ୍ରଲୋକ ଆସି ଦୁଆର ଖୋଲିଲେ ଓ କଉୟୀକୁ ଭିତରକୁ ଯିବାଲାଗି ଆହ୍ୱାନ ଜଣାଇଲେ ।

ବତିର ଆଲୋକରେ କଉୟୀ ଦେଖିବାକୁପାଇଲା ଭଦ୍ର ଲୋକଙ୍କ ମୁହଁ । ତାଙ୍କ ଚେହେରା ଦେଖି ତାର ମନେହେଲା ତାଙ୍କର ଅନ୍ତିମ ଦଶା ଯେପରି ଆରମ୍ଭ ହୋଇଯାଇଛି । ତାଙ୍କର ଭୟାର୍ତ୍ତ ମୁହଁ ଉପରେ ଆସି ପଡ଼ିଛି ମୃତ୍ୟୁର ଛାୟା । ଦେହ ଭାଙ୍ଗି ପଡ଼ିଛି ଦୁର୍ଭବନାରେ । ଆଖି କୋଠରଗତ । ବିବର୍ଣ୍ଣ ମୁହଁରେ ହତାଶାର ଭାବ । ଭଦ୍ରଲୋକ ଯେପରି ନରକଦଶା ଭୋଗକରୁଛନ୍ତି ମନେ ମନେ ।

ଭଦ୍ରଲୋକ କଉୟୀକୁ ବସିବାକୁ କହି ଜାଣିବାକୁ ଚାହିଁଲେ ତାର ଆସିବାର କାରଣ ।

କଉୟୀ ବୋତଲକଥା ଉତ୍ଥାପନ କଲାମାତ୍ରେ ଭଦ୍ରଲୋକଙ୍କ ଦେହ ଯେପରି ଥରିଉଠିଲା ଏକ ଭୟାନକ ଆତଙ୍କରେ ।

କ୍ଳାନ୍ତ ଅଥଚ ଦ୍ରୁତ କଣ୍ଠରେ ଭଦ୍ରଲୋକ କହିଲେ, "ହଁ, ହଁ, ମୁଁ ସେହି ନରକର ବୋତଲଟା ବିକ୍ରି କରିବି—ଏହିକ୍ଷଣି···। ନରକର ବୋତଲଟାକୁ ବିଦାୟ କରିପାରିଲେ ମୋର ରକ୍ଷା; କିନ୍ତୁ ···।" ଭଦ୍ରଲୋକ ହଠାତ୍ ଥମିଗଲେ, କଥା ଶେଷ ନକରି ।

କଉୟୀ ଉଦ୍‌ବିଗ୍ନ କଣ୍ଠରେ କହିଲା, "କିନ୍ତୁ ବୋତଲଟା ବିକ୍ରି କରିବି ଦୁଇ ସେଣ୍ଟରେ ।" ନିଦାରୁଣ ହତାଶାରେ ଭାଙ୍ଗି ପଡ଼ିଲେ ଭଦ୍ରଲୋକ ।

ଦୁଇ ସେଣ୍ଟରେ ବୋତଲଟିକୁ କିଣିବା ଅର୍ଥ ହେଲା ଯେ କୌଣସି ପ୍ରକାରେ ସେଇଟାକୁ ଏକ ସେଣ୍ଟରେ ବିକ୍ରି କରିବାକୁ ହେବ···ଆଉ ଏକ ସେଣ୍ଟ ଦେଇ ଯିଏ ବୋତଲଟିକୁ କିଣିବ ସିଏ ବୋତଲଟାକୁ କେବେହେଲେ ଆଉ ବିକ୍ରି କରିପାରିବ ନାହିଁ ।

ତାର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ବୋତଲଭୂତ ରହିବ ତାର ଅଧୀନସ୍ଥ; ଆଉ ମୃତ୍ୟୁ ପରେ ସେହି ନରକର ଭୂତ ସହିତ ଶେଷ ହେତାର ଆତ୍ମା ବଦଳ ହେବ ! ତାକୁ ଅନନ୍ତ କାଳ ନରକର ଅଗ୍ନିରେ ପୋଡ଼ି ମରିବାକୁ ହେବ ।

ପରମୁହୂର୍ତ୍ତରେ ତାର ମନେପଡ଼ିଲା କକୁଆର କଥା । ସିଏ ଯଦି ଅନନ୍ତକାଳ ଏହି ନିଆଁରେ ପୋଡ଼ି ମରିବାକୁ ରାଜି ହୁଏ, ତେବେ ସେ କକୁଆକୁ ଲାଭ କରିପାରେ ।

କଉସ୍ତୀ ତା ମନକୁ ବାରମ୍ବାର ପ୍ରଶ୍ନ କରି ମଧ୍ୟ ସମାଧାନ କରିପାରିଲାନି ଏ ସମସ୍ୟାର ।

ତା' ପରେ ବୋତଲର ମାଲିକ ଘରର ସେହି ମାରବତା ଭାଙ୍ଗିବାକୁ ଚେଷ୍ଟାକଲେ । ଗୋଟାଏ ଶୁଖିଲା ହସ ହସି ସେ ବ୍ୟାଖ୍ୟା କରିବାକୁ ଚେଷ୍ଟାକଲେ କାହିଁକି ସେ ନରକର ଭୂତ ନିକଟରେ ନିଜର ଆତ୍ମାକୁ ବନ୍ଧି କରିଦେଇଛନ୍ତି ।

ଭଦ୍ରଲୋକ ପୁଣି କହିଲେ, "ଦେଣାରେ ସେତେବେଳେ ମୋ ମୁଣ୍ଡର ବାଳ ପର୍ଯ୍ୟନ୍ତ ବନ୍ଧି ହେବା ଉପରେ, ଯେଉଁଆଡ଼େ ଗୃହେଁ ସେଆଡ଼େ ଅନ୍ଧକାର, ଭାବନାରେ ମୁଁ ପ୍ରାୟ ପାଗଳ ହୋଇ ଯିବାକୁ ବସିଲି । ଭଲ ମନ୍ଦ କିଛି ବିଚାରର କ୍ଷମତା ପର୍ଯ୍ୟନ୍ତ ହରାଇ ବସିଲି ମୁଁ । କୌଣସି ଉପାୟ ନ ଦେଖି ଅଫିସ ଟଙ୍କାରୁ ଦେଣା ଶୁଝିଦେଲି । ମୁଁ ଥିଲି ଅଫିସର କ୍ୟାସିଅର । ଏହା ସିନା କରିଦେଲି, କିପରି ସରକାରୀ ଟଙ୍କା ଭରଣା କରିବ, ତାର କୌଣସି ରାସ୍ତା ପାଇଲି ନାହିଁ ! ଏହିପରି ସମୟରେ ନୋଟିସ୍ ଆସିଲା ତିନଦିନ ଭିତରେ ସବୁ ହିସାବ ଠିକ୍ କରି ରଖିବା ଦରକାର । ବଡ଼ ସାହେବ ଅଫିସ ପରିଦର୍ଶନରେ ଆସୁଛନ୍ତି ।

"ମୁଣ୍ଡ ଉପରେ ଯେପରି ଆକାଶ ଭାଙ୍ଗି ପଡ଼ିଲା । ଅଫିସ୍‌ର ଗୋଟିଏ ପଇସା ଏପଟ ସେପଟ ହେଲେ ଜେଲ ନିଶ୍ଚିତ । ବର୍ତ୍ତମାନ

ଏତେଗୁଡାଏ ଟଙ୍କା ତୋଷରପାତ । ତାର ଦଣ୍ଡ କଣ ହୋଇପାରେ ତାହା ସହଜରେ ବୁଝିପାରିଲି ମୁଁ । ଆଉ ତା ଛଡ଼ା ଲୋକଲଜ୍ଜା, ଅପମାନ, ମାନ-ସମ୍ମାନ ନଷ୍ଟ—ଏସବୁ ତ ଅଛି । ଲୋକେ ମୋତେ କହିବେ—ଜୁଆଚୋର, ବେଇମାନ୍, ବଦ୍‌ମାସ, ବିଶ୍ୱାସଘାତକ ।··· କଣ କରିବି ଠିକ୍ କରି ନ ପାରି ମୁଁ ଯେତେବେଳେ ଆତ୍ମହତ୍ୟା କରି ସମସ୍ତ ଜ୍ୱାଳାରୁ ମୁକ୍ତି ପାଇବି ବୋଲି ଭାବୁଛି, ଏପରି ସମୟରେ···ଏହି ବୋତଲଟିର କଥା ମୋ କାନରେ ପଡ଼ିଲା । ଏହି ବିପଦରୁ ରକ୍ଷା ପାଇବା ପାଇଁ ତିନ ସେଣ୍ଟ ଦେଇ ଏହି ବୋତଲଟି କିଣିନେଲି ମୁଁ । ମୋର ଆତ୍ମାକୁ ବନ୍ଧି କରିଦେଲି ଶୟତାନ ନିକଟରେ ।"

କିନ୍ତୁ କଉୟୀ ସେତେବେଳକୁ ମନ ଦୃଢ଼ କରିସାରିଛି—ବୋତଲଟିକୁ ପୁନରାୟ କିଣିନେବା ପାଇଁ ।

ପୁଣି ସେହି ବୋତଲ ଫେରିଆସିଲା କଉୟୀ ନିକଟକୁ । ପୁଣି ସେ କିଣିଲା ସେହି ଦୁଧିଆରଙ୍ଗ, ପେଟ ମୋଟା, ଲମ୍ବା ବେକବାଲା ବୋତଲଟା; ଯାହା ଭିତରେ ଦାଉ ଦାଉ ହୋଇ ଜଳୁଛି ନରକର ଅଗ୍ନି-ଯନ୍ତ୍ରଣା ।

ବୋତଲଟିକୁ କିଣି କଉୟୀ ରାସ୍ତାରେ ଆସି ଠିଆହେଲା । ବତିର ଆଲୋକରେ ସେ ଲକ୍ଷ୍ୟ କଲା, ବୋତଲ ଭିତରର ଲାଲ ଅଗ୍ନି ଦାଉ ଦାଉ ହୋଇ ଜଳୁଛି ଲୋଲୁପଶିଖାରେ; ଆଉ ଗୋଟିଏ ଘନ ଅନ୍ଧକାର କଳା ଛାଇ ଉନ୍ମତ୍ତ ପ୍ରଳୟ ନୃତ୍ୟରେ ଡିଆଁଡେଇଁ କରୁଛି ।

ତାର ମନେହେଲା ଭୂତଟାର ଏହି ଉନ୍ମତ ନୃତ୍ୟ ଭିତରେ ଉଙ୍କି ମାରୁଛି ଗୋଟାଏ ଭୀଷଣ ବିପଦର ସୂଚନା । ସେ ବିପଦ ଯେ କଣ ତାହା ସେ ବୁଝିପାରିଲାନି ।

ତା'ହେଲେ କଣ ନରକର ନିଆଁରେ ତାକୁ ପୋଡ଼ିମରିବାକୁ

କହିବ ଯୁଗ ପରେ ଯୁଗ ଅସହ୍ୟ ଯମ-ଯନ୍ତ୍ରଣା ଭୋଗ କରି ?

× × × ×

ବୋତଲଟି ଆଡ଼କୁ ଭୟାର୍ତ୍ତ ନୟନରେ ଗୁହିଁଲା କଉସ୍ତୀ ।

ଦେଖିବାକୁ ପାଇଲା ବୋତଲଟାର ଭିତରର ଅଗ୍ନିର ରଙ୍ଗ ଗାଢ଼ ହୋଇଯାଉଛି ଆହୁରି ବେଶି; ଆଉ ଘନ ହୋଇଯାଉଛି ସେହି କଳା ଧୁଆଁଟି । ଅଗ୍ନି ଆଉ କଳା ଧୁଆଁର ମିଶ୍ରଣରେ ଘନେଇ ଆସୁଛି ଭୟଙ୍କର ବିପଦ ଯେପରି ।

ହନ୍‌ଲୁଲୁଠାରୁ ଷ୍ଟିମର୍‌ରେ ଘରକୁ ଫେରୁଛି କଉସ୍ତୀ । ତା' ସହିତ ଅଛି ସେହି ନରକର ବୋତଲଟା ।

କଉସ୍ତୀ ଭାବିଲା ଯେ ବୋତଲଭୂତଙ୍କୁ କହିବା ମାତ୍ରେ ହିଁ ସେ ଆରୋଗ୍ୟ ହୋଇଯିବ; କିନ୍ତୁ ତାର ଦୁଶ୍ଚିନ୍ତା କ୍ରମଶଃ ବଢ଼ିବାକୁ ଲାଗିଲା, ଯେତେବେଳେ ସେ ଦେଖିବାକୁ ପାଇଲା ତାର ଗୁଡ଼ର ଦାଗଟା ଲିଭିବା ବଦଳରେ ଆହୁରି ବଢ଼ିଯାଇଛି ।

ଅନ୍ତଃହୀନ ସମୁଦ୍ରକୁ ଗୁହିଁ ଗୁହିଁ କଉସ୍ତୀର ହଠାତ୍ ମନେହେଲା ଯେ ସିଏ ଯେପରି ଦୁର୍ଭାବନାରେ ଅତଳ ଅନ୍ଧକାରରେ ବୁଡ଼ି-ଯାଉଛି ।

× × × ×

ଘରକୁ ଫେରି ପରିଶ୍ରାନ୍ତ କଉସ୍ତୀ ଶରୀରକୁ ଲମ୍ବାଇଦେଲା ତା ବିଛଣାରେ ।

କକୁଆ ସହିତ ସାକ୍ଷାତ କରି ଲାଭ କଣ ? ରୋଗ ତ ତାର ଭଲ ହୋଇନି । ଅକାରଣରେ ତା ସହିତ ଦେଖାକଲେ ମନର ଦୁଃଖ ଆହୁରି ବଢ଼ିବ ସିନା, କମିବ ନାହିଁ । ତେଣୁ ସେ ଜାହାଜରୁ ଓହ୍ଲାଇ ସିଧା ଗୁଲିଆସିଥିଲା ନିଜ ଘରକୁ ।

କିଛି ସମୟ ବିଶ୍ରାମ ନେବା ପରେ ସେ ଜାମାପଟା ଖୋଲିଦେଇ ସ୍ନାନ କରିବା ପାଇଁ ପ୍ରସ୍ତୁତ ହେଲା ।

ହଠାତ୍ ସେହି ଚିହ୍ନ ଆଡ଼କୁ ଦୃଷ୍ଟି ଚମକିଉଠିଲା କଉସ୍ତୁଭୀ । ଆନନ୍ଦର ଉଜ୍ଜ୍ୱଳ ଆଭାରେ ଉଦ୍ଭାସିତ ହୋଇଉଠିଲା ତାର ମୁହଁ । ତା ଦେହରୁ ଉଭେଇଯାଇଛି ଚିହ୍ନଟି । ସେ ନୀରୋଗ, ସେ ସମ୍ପୂର୍ଣ୍ଣ ସୁସ୍ଥ !

ଚଞ୍ଚଳ ପଦରେ ସେ ଆଗେଇଗଲା ଦର୍ପଣ ସାମନାକୁ । ତନ୍ନ ତନ୍ନ କରି ପରୀକ୍ଷା କରି ଦେଖିଲା ଆଉ ସେହି ଜଘନ୍ୟ ରୋଗର ଚିହ୍ନ ନାହିଁ ଦେହରେ ତାର । ଆନନ୍ଦରେ ଭରିଉଠିଲା ତାର ହୃଦୟ ଓ ମନ ।

ଆନନ୍ଦରେ ସେ ଯେ କଣ କରିବ ଭାବି ଠିକ୍ କରିପାରିଲାନି ।

ଏତିକିବେଳେ ଟେବୁଲ୍ ଉପରେ ପଡ଼ିଲା ତାର ଆଖି । ଟେବୁଲ ଉପରେ ରହିଛି ସେହି ନରକର ବୋତଲଟା । ମନେହେଲା ଯେପରି କେହି କାଗଜ ଖଣ୍ଡକୁ ଟିକିଟିକି କରି ଚିରିବା ଭଳି ତା ଦେହକୁ ଟିକିଟିକି କରି ଛିଣ୍ଡାଇଦେଉଛି ।

ଟିକିଏ ପବନ ! ଟିକିଏ ପବନ !

ସେ କହିବାକୁ ଚେଷ୍ଟା କରୁଛି—ଟିକିଏ ଥଣ୍ଡା ପବନ; କିନ୍ତୁ ଶୁଖିଲା କଣ୍ଠ ଦେଇ କୌଣସି ଶବ୍ଦ ବାହାରି ପାରୁନି । ତା'ପରେ ଅଜ୍ଞାନ ହୋଇ ପଡ଼ିଯାଇଛି ସେ ଘର ମଝିରେ ।

## ବାର

କେତେ ଦିନ ପରେ...

ଆଜି କଳ୍ପନା ଓ କଉସ୍ତୁଭୀର ବିବାହ ଉତ୍ସବ । ସହରର

ଧନୀ ଗରିବ ସମସ୍ତେ ଆସି ହାଜର ହୋଇଛନ୍ତି କଉପ୍ପୀ ଘରେ ।

କଉପ୍ପୀ ଘରର ବିରାଟ ଓ ବହୁମୂଲ୍ୟର ସାଜସଜ୍ଜା ଦେଖି ସମସ୍ତେ ବିସ୍ମିତ । ଅତିଥିମାନେ ଅବାକ୍ ହୋଇ ଘୂରି ଘୂରି ଦେଖୁଥାନ୍ତି ଚତୁର୍ଦ୍ଦିଗକୁ ।

ଆଦର ଆପ୍ୟାୟନରେ କୌଣସି ତ୍ରୁଟି ନାହିଁ । ଗୀତ, ବାଜଣା, ନାଚ ଆଦି ଚାଲିଛି ପୂରା ଦମ୍‌ରେ ।

ଅତିଥିମାନଙ୍କର ବିସ୍ମୟ ଧୀରେ ଧୀରେ ବୃଦ୍ଧି ପାଉଛି ଏହି ବିରାଟ ଭୋଜି ଓ ଜାକଜମକଭରା ଉତ୍ସବର ଆୟୋଜନ କେହି କେବେହେଲେ କଳ୍ପନା ମଧ୍ୟ କରିନାହାନ୍ତି ।

ପାତ୍ରସବୁ ସୁନା, ରୁପାରେ ତିଆରି—ଫଳମୂଳ, ମାଛ, ମାଂସ, ନାନା ଧରଣର ସୁସ୍ୱାଦୁ ଆହାର୍ଯ୍ୟର ଆୟୋଜନ ହୋଇଛି । ଏହିପରି ଏକ ଉତ୍ସବ ପାଇଁ କଉପ୍ପୀ ଅନ୍ତତଃ ପଚିଶ, ତିରିଶ ହଜାର ଟଙ୍କାରୁ କମ୍ ଖର୍ଚ୍ଚ କରି ନଥିବ ।

ଏହି ଅଭାବନୀୟ ସମାରୋହପୂର୍ଣ୍ଣ ଉତ୍ସବର ଆୟୋଜନ ଯିଏ କରିଛି, ସେ ଅବଶ୍ୟ ଯଥାଶକ୍ତି ଆଦର ଆପ୍ୟାୟନ କରିଯାଉଛି । ସମସ୍ତଙ୍କ ସନ୍ତୋଷବିଧାନରେ କୌଣସି ତ୍ରୁଟି କରୁନି; କିନ୍ତୁ ଯେପରି ସମସ୍ତ ଉତ୍ସବର ଆନନ୍ଦ ଓ ସମାରୋହ ବିନ୍ଦୁ ମାତ୍ର ସ୍ପର୍ଶ କରିନାହିଁ କଉପ୍ପୀକୁ ।

ଅତିଥିମାନେ କଉପ୍ପୀର ବିମର୍ଷଭାବ ଲକ୍ଷ୍ୟ କରିପାରିଲେ ନାହିଁ ।

କିନ୍ତୁ କକୁଆର ଆଖିରେ କୌଣସି ଜିନିଷ ଲୁଚି ରହି ପାରିଲାନି । ସେ କଉପ୍ପୀର ମୁହଁର ଅନ୍ଧକାର ଛାୟାକୁ ଲକ୍ଷ୍ୟ କରି-ପାରିଲା ଭଲଭାବରେ ।

କକୁଆ ବୁଝିପାରିଲା ନାହିଁ ତାର ଏହି ବିମର୍ଷ ଭାବର କାରଣ କ'ଣ ? ସେ ବିସ୍ମିତ ହୋଇ କଉପ୍ପୀକୁ ଭଲଭାବରେ ଲକ୍ଷ୍ୟକଲା ।

ତାପରେ ଭାବିଲା ଏପରି କିଛି ସାଙ୍ଘାତିକ ଘଟଣା ଘଟିଛି, ଯାହା ଯୋଗୁଁ ସେ ତାର ଜୀବନର ଅବିସ୍ମରଣୀୟ ଏହି ବିବାହ ଉତ୍ସବରେ ମଧ୍ୟ ପ୍ରାଣ ଖୋଲି ଯୋଗ ଦେଇପାରୁନି । ସେ ଆଦୌ ଏହାର କାରଣ ବୁଝିପାରିଲାନି ।

ନିଜ ମନ ସହିତ ଆଉ ଲଢ଼ି ପାରୁନଥିଲା କଉପ୍ପୀ । ଶ୍ରାନ୍ତିରେ, କ୍ଳାନ୍ତିରେ, ଦୁଃଶ୍ଚିନ୍ତାରେ ପେଷିହୋଇଯିବାକୁ ଲାଗିଲା ସେ । ପ୍ରତ୍ୟେକ ମୁହୂର୍ତ୍ତରେ ସେ ଅନୁଭବ କରିବାକୁ ଲାଗିଲା ନରକଯନ୍ତ୍ରଣା । ଦୁଶ୍ଚିନ୍ତାରେ ଜଳିପୋଡ଼ି ପାଉଁଶ ହୋଇଯିବାକୁ ବସିଲା ତାର ମନ ।

କଉପ୍ପୀ ଭାଗ୍ୟବାନ୍ ବୋଲି ଅତିଥିମାନେ ତା ଆଡ଼କୁ ଦୃଷ୍ଟିପାତ ନ କରି ଜାକଜମକ ଆଲୋଚନାରେ ହିଁ ବ୍ୟସ୍ତରହିଲେ ।

ଦୁଃଶ୍ଚିନ୍ତାର ଏକ ପାଷାଣ ଯେପରି ତାର ହୃଦୟକୁ ପେଷି-ପକାଇଲା ପ୍ରତି ମୁହୂର୍ତ୍ତରେ । କ୍ରମଶଃ ଏପରି ଅବସ୍ଥାରେ ଆସି ପହଞ୍ଚିଲା ଯେ ତାର ଯନ୍ତ୍ରଣାରେ କଲୁପ୍ପା ମଧ୍ୟ ବିଚଳିତ ନ ହୋଇ ରହିପାରିଲାନି । ତଥାପି ଅତ୍ୟନ୍ତ ସଂଯତ ହୋଇ ଅତିଥିମାନଙ୍କର ସୁଖ-ସୁବିଧା ପ୍ରତି ଦୃଷ୍ଟିରଖିଲା ସେ ।

ଅବଶେଷରେ ଗାଁର ସୀମାରେ ଶେଷ ଅତିଥିଟି ପର୍ଯ୍ୟନ୍ତ ଯେତେବେଳେ ବିଦାୟ ନେଲେ, ସେତେବେଳେ କଲୁପ୍ପା 'କଉପ୍ପୀ'କୁ ପଚାରିଲା, "ମୁଁ କ'ଣ ତୁମ ଦୁଃଖର କାରଣ ହୋଇଛି କଉପ୍ପୀ ?"

କଉପ୍ପୀ ଆଉ ଆତ୍ମସମ୍ବରଣ କରିପାରିଲାନି । କଲୁପ୍ପାର ସୋହାଗ-ମମତା ସଂଯମର ବନ୍ଧ ଭାଙ୍ଗିଦେଲା ।

କଉପ୍ପୀ ସେହି ନରକର ବୋତଲଟିର ଭୟାବହ କାହାଣୀ ସବୁ ଆମୂଳଚୂଳ ଖୋଲି କହିଦେଲା କଲୁପ୍ପାକୁ । ଗୋଟିଏ କଥା ମଧ୍ୟ ସେ ଲୁଚାଇଲାନି ।

କିପରି ପ୍ରଥମେ ବୋତଲଟି ତାର ହସ୍ତଗତ ହୋଇଥିଲା,

ତାପରେ କେମିତି ଲୋପାକା ତାକୁ ସେହି ନରକର ବୋତଲ ହାତରୁ ନିଷ୍କୃତି ଦେଇଥିଲେ ଏବଂ ଏଥର ପୁଣି କାହିଁକି ସେ ଏହି ଭୟଙ୍କର ବୋତଲର ଭୂତ ପାଖରେ ନିଜର ଆତ୍ମାକୁ ବନ୍ଧି କରୁଛି —କୌଣସି କଥା ସେ ଗୋପନ ରଖିଲାନି ।

କକୁୟା ସେହି ଅଦ୍ଭୁତ ଭୟାବହ କାହାଣୀ ଶୁଣି ଶିହରି ଉଠିବାକୁ ଲଗିଲା ବାରମ୍ବାର । ସିଏ ଶୁଣିଲା କପରି ତାର ସ୍ୱାମୀ ନିଜକୁ ନରକର ଅଗ୍ନିରେ ନିକ୍ଷେପ କରୁଛି । ଏହି ସାଙ୍ଘାତିକ ବୋତଲଟାକୁ କିଣିବା ପାଇଁ ନିଶ୍ଚୟ କେହି ରାଜି ହେବେନି ।

କଉୟୀ ଆଉ କକୁୟା—ଉଭୟଙ୍କ ଉପରେ ଏଥର ଘନ ବିଷାଦର କଳା ଛାଇ ନଇଁଆସିଲା । ନା, କୌଣସିମତେ ଏଇ ଭୂତ କବଳରୁ ମୁକ୍ତି ମିଳିବନି ।

ହଠାତ୍ କଣ ଗୋଟାଏ କଥା ମନେପଡ଼ିଯିବାରୁ କକୁୟା ଚମକି ଉଠିଲା, "ହୁଏତ—ହୁଏତ କାହିଁକି ମୋର ମନେହେଉଛି ଏହି ବୋତଲ ନିଶ୍ଚୟ ଫରାସୀର ତାହିତିରେ ବିକି କରିପାରିବ । ସେହି ବହୁ ଦୂରସ୍ଥ ଦ୍ୱୀପରେ ସେଣ୍ଟାଇମ ନାମରେ ଏକପ୍ରକାର ତମ୍ବା ପଇସା ଚଳେ । ଆମ ଏଠାର ଏକ ସେନ୍ ସେଠାର ପାଞ୍ଚ ସେଣ୍ଟାଇମ୍ ସହିତ ସମାନ ।"

ଆଶାର ଆଲୋକରେ ଉଜ୍ଜ୍ୱଳ ହୋଇଉଠିଲା କଉୟୀର ଚକ୍ଷୁ ଓ ମୁହଁ । ତାର ମନେହେଲା ନରକର ଅନିବାର୍ଯ୍ୟ ମର୍ମାନ୍ତିକତାର ହାତରୁ ସେ ମୁକ୍ତି ପାଇବ ନିଶ୍ଚୟ ।

କଉୟୀ କହିଲା, "ଭଗବାନଙ୍କୁ ଧନ୍ୟବାଦ—ତୁମର ଏକଥା ମନେପଡ଼ିଯାଇଛି । ମୁଁ ତ ଏକଥା ଏକଦମ୍ ଭୁଲିଯାଇଥିଲି ।

ପୁଣି ଯେପରି ନୂଆକରି ପୃଥିବୀକୁ ଭଲପାଇବସିଲା କଉୟୀ । ଆଉ ସେହି ଆଶାବରି ଗୀତିକାର ସୁର ବାଜିବାକୁ ଲାଗିଲା ତା କାନରେ କ୍ରମାଗତ ।

ଏଥର ହୁଏତ ମୁକ୍ତି ପାଇଲେ ପାଇପାରେ ସେ ।

## ତେର

ସମଗ୍ର ତାହିତରେ ବିସ୍ମୟ, ଉତ୍ତେଜନା ଓ କୌତୂହଳ ଫାଟିପଡ଼ିଲା ।

ହାଓ୍ୱାଇ ଦ୍ୱୀପର ଜଣେ ବାସିନ୍ଦାର କଳ୍ପନାତୀତ କାଣ୍ଡ କାରଖାନା ଦେଖି ଏଠାକାର ଅଧିବାସୀମାନଙ୍କର ମୁଣ୍ଡ ବୁଲିଯାଇଛି ।

ତାହିତିକୁ ଆସି କିଉଓ୍ୱୀ ଦିନ କେତୋଟା ଭିତରେ କିଣିଛି ପ୍ରକାଣ୍ଡ ଏକ ଅଟ୍ଟାଳିକା । ମୁକ୍ତହସ୍ତରେ ଅଟକାଟକ ଟଙ୍କା ଖରଚ କରି ଦାମିକା ଦୁର୍ଲଭ ଆସବାବ, ଛବି, ମର୍ମର ମୂର୍ତ୍ତିଦ୍ୱାରା ସଜାଇଛି ତାର ଅଟ୍ଟାଳିକାର ଆମୂଳଚୂଳ । ନିଯୁକ୍ତ କରିଛି ନାନା ଶ୍ରେଣୀର କର୍ମଚାରୀ ଏବଂ ଦାସଦାସୀ, ପାଚକ ଖାନସମା, ଦରୁଆନ, କୋଚୁଆନ ପ୍ରଭୃତି ।

ଲୋକମୁଖରେ ତାର କଥା ହୋଇଉଠିଛି ଯେପରି ଆରବ୍ୟ ଉପନ୍ୟାସର କାହାଣୀ । କାରଣ ଅକାରଣରେ କିଉଓ୍ୱୀ ପ୍ରଚୁର ପରିମାଣ ଟଙ୍କା ମୋହର ବାଣ୍ଟିଦେଇଛି । ତେଣୁ ଅଳ୍ପ ଦିନ ମଧ୍ୟରେ ସେଠାରେ କେବଳ କିଉଓ୍ୱୀର କଥା ବ୍ୟତୀତ ଆଉ କିଛି ଶୁଣା-ଯାଉନି । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ?

ଏହା ପଛରେ ଥିଲା କିନ୍ତୁ କକୁଆର ବୁଦ୍ଧି ।

ସେ କହିଥିଲା—"ଫରାସୀ ଦ୍ୱୀପ ତାହିତିକୁ ଯାଇ ଆଗେ ଏହିପରି ଭାବରେ ମୁକ୍ତ ହସ୍ତରେ ଟଙ୍କା ପଇସା ଖର୍ଚ୍ଚ କରିବାକୁ

ହେବ, ଯାହା ଦେଖି ଲୋକେ ଆମକୁ ନେଇ ରୂପକଥାର କାହାଣୀ ପ୍ରସ୍ତୁତ କରିବାକୁ ମଧ୍ୟ ପଛେଇବେ ନାହିଁ । ଯଦି ଆମ୍ଭେମାନେ ଅପରିମିତ ଧନସମ୍ପଦର ଅଧିକାରୀରୂପେ ଦେଖାନଦେଉ, ତେବେ କିଏ ବିଶ୍ୱାସ କରିବ ଯେ ଏହି ବୋତଲଟା ବିରାଟ ଐଶ୍ୱର୍ଯ୍ୟ ଦେଇପାରେ ?"

ସେଥିପାଇଁ ସେଠାରେ ପହଞ୍ଚିବା ପରେ ପରେ ସେମାନେ ରହିଥିଲେ ସବୁଠାରୁ ଦାମିକା ହୋଟେଲରେ । ତା'ପରେ ପାଣିପରି ଅଜସ୍ର ଟଙ୍କା ଖର୍ଚ୍ଚ କରି ରୂପକଥାର ନାୟକ ହୋଇଉଠିବାକୁ ବେଶି ଦିନ ଲାଗିନାହିଁ ସେମାନଙ୍କୁ ।

ଏହିପରି ଚାଲିଲା କିଛୁଦିନ । ତା'ପରେ ସେମାନେ ଠିକ୍ କଲେ ଏଥର ପ୍ରକୃତ ବ୍ୟକ୍ତିର ସନ୍ଧାନରେ ବାହାରିବାକୁ ହେବ —ଯିଏ ସେହି ବୋତଲଟା କିଣିବାକୁ ରାଜି ହୋଇପାରିବ ।

ସେଦିନ ଅପରାହ୍ଣରେ ବହୁମୂଲ୍ୟ ଘୋଡ଼ାଗାଡ଼ିରେ କଉଆ ଆଉ କକୁଆ ବୁଲି ବାହାରିଲେ । ସହରଠାରୁ ବହୁଦୂରକୁ ଚାଲିଗଲେ ସେମାନେ ।

ଏହି ଦିଗଟା ଅତି ନିର୍ଜନ । ରାସ୍ତାର ଉଭୟ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ପ୍ରାନ୍ତର । ସନ୍ଧ୍ୟା ହେବାକୁ ଆଉ ବେଶି ଡେରିନାହିଁ । ଆଖପାଖରେ କୌଣସି ଘରଦ୍ୱାର ନାହିଁ । ମଝିରେ ମଝିରେ ନାରିକେଳ ବନ ମୁଣ୍ଡ ଟେକି ଠିଆହୋଇଛି ।

ହଠାତ୍ ଏହି ନିର୍ଜନ ସହରତଳିରେ ଗୋଟିଏ ଘର ସେମାନଙ୍କ ଦୃଷ୍ଟିରେ ପଡ଼ିଲା । ଘରଟି ପୁରୁଣା ; ଇଟା-ପଥରରେ ତିଆରି । ରାସ୍ତା ଆଡ଼କୁ ଟିକିଏ ଝୁଙ୍କିପଡ଼ିଥିଲା ଘରଟି । କିନ୍ତୁ ଗୋଟାଏ ବିରାଟ ଗଛ ଘରଟିକୁ ଏହିପରି ଭାବରେ ଧରିରଖିଥିଲା ଯେ ସହଜରେ ଧରାଶାୟୀ ହେବାର କୌଣସି ସମ୍ଭାବନା ନଥିଲା ।

ଦେଖିବା ମାତ୍ରେ ବୁଝାଗଲା ଯେ ଘର ମାଲିକର ଅବସ୍ଥା

ଏକଦା ସ୍ୱଚ୍ଛଳ ଥିଲା ; କିନ୍ତୁ ବର୍ତ୍ତମାନ ଭଲ ନୁହେଁ । ତଥାପି ଅଭିଜାତ ରୁଚିର ପରିଚୟ ଚତୁର୍ଦ୍ଦିଗରେ ବର୍ତ୍ତମାନ ସୁଦ୍ଧା ଦେଖାଯାଉଥିଲା ।

ଘରଟି ଆଡ଼କୁ ଚାହିଁ କିକୁସ୍ୱା କହିଲା, "ମୋର ମନେହୁଏ ଏହି ଘରେ ଆମେ ଆମ ସୁଖର ସନ୍ଧାନ ପାଇବା ।"

କଉସ୍ୱୀ କହିଲା, "ଚାଲ ! ଥରେ ଦେଖାଯାଉ ଚେଷ୍ଟା କରି ।"

କିନ୍ତୁ ଏହି ଘରଟାରେ ପ୍ରବେଶର ପରିଣାମ ସୁଖକର ହେଲାନି ଆଦୌ । ଘରର କର୍ତ୍ତା ସେତେବେଳେ ଘରେ ନଥିଲେ । ଗୃହକର୍ତ୍ତ୍ରୀ ମହାସମାଦରରେ ସେମାନଙ୍କୁ ନେଇ ବସାଇଲେ । ଏଣୁ-ତେଣୁ କଥାବାର୍ତ୍ତା କରୁ କରୁ କିକୁସ୍ୱା ବୋତଲଟି କଥା ପକାଇ ଦେଲା ।

ବୋତଲ ସମ୍ପର୍କରେ ସବୁକଥା ଶୁଣିଲେ ଭଦ୍ରମହିଳା । ଶୁଣି ହୋ-ହୋ କରି ହସି ଉଠିଲେ, "ଓ ! ଆପଣ ବୋଧହୁଏ ଥଟ୍ଟା କରୁଛନ୍ତି । ଚାରି ସେଣ୍ଟାଇମ୍ ଖରଚ କରି ଗୋଟିଏ ବୋତଲ କିଣିଲେ ଆମେ ଅଗାଧ ଧନ ସଂପତ୍ତିର. ମାଲିକ ହେବୁ ? କ'ଣ କହୁଛନ୍ତି ଆପଣ ! ଆରବ୍ୟ ଉପନ୍ୟାସର ଯୁଗ ଫେରିଆସିଲା କି ଆଉ ? ଆପଣ ବରଂ ଅନ୍ୟ କଥା କହନ୍ତୁ ।"

ଭଦ୍ରମହିଳାଙ୍କୁ ବୁଝାଇବା ପାଇଁ ଯଥେଷ୍ଟ ଚେଷ୍ଟାକଲା କିକୁସ୍ୱା ; କିନ୍ତୁ ତା କଥାରେ କାନ ଦେଲେନି ଭଦ୍ରମହିଳା । ସେ ଭାବିଲେ ନିଶ୍ଚୟ ସ୍ୱା ମୁଣ୍ଡରେ କିଛି ଗୋଳମାଳ ଅଛି । ନହେଲେ କି କେବେ ଶୁଣିଛ ଗୋଟିଏ ବୋତଲ ପାଖରେ ଯାହା ଚାହିଁବ ତାହା ମିଳିବ ? କ'ଣ ଆଲାଉଦ୍ଦୀନର ଆଶ୍ଚର୍ଯ୍ୟ ଦୀପ ?

ସୁତରାଂ ଭଗ୍ନ ମନୋରଥରେ ଫେରିବାକୁ ହେଲା ଉଭୟଙ୍କୁ ।

ତାହାଉତରେ ସୁଖଲାଭ ସେମାନଙ୍କ ଭାଗ୍ୟରେ ଘଟିଲା ନାହିଁ। ଯେଉଁମାନେ ବୋତଲ କଥା ଶୁଣିଲେ ସମସ୍ତେ ହସରେ ଉଡ଼ାଇ ଦେଲେ ।

କେହି କେହି ଅବଶ୍ୟ ବୋତଲଟିକୁ ଦେଖିବାକୁ ଚାହିଁଲେ । କିନ୍ତୁ ବୋତଲ ଭିତରର ସେହି ଘନ ଅନ୍ଧକାର କଳାଗୁଲ ଦେଖି ଭୟରେ କେହି ହେଲେ କିଣିବାକୁ ରାଜି ହେଲେନି । ସ୍ୱଇଚ୍ଛାରେ କିଏ ନରକକୁ ଯିବାକୁ ଚାହେଁ ? ଯଦି କୌଣସି ପ୍ରକାରେ ବୋତଲଟା ବିକି କରାନଯାଇପାରେ, ତାହାହେଲେ ଶୟତାନ ଆସି ବୋତଲ-ମାଲିକର ଆତ୍ମାକୁ ଦଖଲ କରିବ । ନାହିଁରେ ବାବା; ଏ ବୋତଲ ଆମର ଦରକାର ନାହିଁ ।

ଏହିପରି ପ୍ରତ୍ୟେକଙ୍କଠାରୁ ନିରାଶ ହୋଇ ଫେରିଲେ ସେମାନେ । ବୋତଲ ବିକି ତ ଦୂରର କଥା, କ୍ରମଶଃ ସେମାନେ ସେମାନଙ୍କର ସମ୍ମାନ ମଧ୍ୟ ହରାଇ ବସିଲେ ।

କିଛି ଦିନ ପରେ ଏପରି ଅବସ୍ଥା ଉପସ୍ଥିତ ହେଲା ଯେ ସେମାନଙ୍କୁ ଦେଖିବାକ୍ଷଣି ରାସ୍ତାର ଲୋକେ କୁହାକୁହି ହେବାକୁ ଲାଗିଲେ, "ଶୁଣିଛ, ଏଇ ଲୋକଟି ଆଉ ଏଇ ସ୍ତ୍ରୀ ଲୋକଟି ସୟତାନ ସହିତ କାରବାର କରନ୍ତି । ଏମାନେ ନିଶ୍ଚୟ ଭଲଲୋକ ନୁହନ୍ତି ।"

## ଚଉଦ

ମଣ୍ଟିକାର୍ଲୋ ପଛରେ ଘୂରି ଘୂରି କ୍ଲାନ୍ତ ହୋଇଗଲେ କଉପ୍ପି ଓ କୁକୁପ୍ପା । ବୁଲି ବୁଲି ହଇରାଣ ହୋଇ ଶେଷରେ ମଣିଷ

ଯେତେବେଳେ ମୁମୂର୍ଷ ହୋଇପଡ଼େ ସେତେବେଳେ ସେ ବୁଝିପାରେ ଯେ ମୃଗତୃଷ୍ଣା ପଛରେ ଦୌଡ଼ି କୌଣସି ଲାଭ ନାହିଁ ।

ପ୍ରକୃତରେ କିଛି ଲାଭ ନାହିଁ; ବରଂ ଧନ ପରେ ଧନ ମାନ-ସମ୍ମାନ ଯାହା କିଛି ଥିଲା, ତାହା ମଧ୍ୟ ଯିବାକୁ ବସିଲାଣି ।

କିନ୍ତୁ କଣ କରିପାରିବେ ସେମାନେ ?

× × × ×

ଧନଗିରି ବିମର୍ଷ ହୋଇ ବୋତଲଟି ଧରି ବସିଥାଏ କିଉସ୍ନୀ । ଅନାଇ ଦେଖେ ବୋତଲ ଭିତରେ ଅନ୍ଧକାର ଛାୟାଟି ଉଦ୍ଦାମ ନୃତ୍ୟରେ ଅଥୟ ହୋଇଉଠୁଛି ।

ଧନକୁ ଧନ ଦୁର୍ବଳ ହେବାକୁ ଲାଗିଲା କିଉସ୍ନୀ । ଖାଇପାରେ ନାହିଁ କିଛି, ଶୋଇପାରେ ନାହିଁ ଠିକିଏହେଲେ । କେବଳ ଧନଗିରି ଚିତ୍କାର କରିଉଠେ ଆତଙ୍କରେ ।

କ୍ରମଶଃ କିଉସ୍ନୀ ଯେତେ ଅନିବାର୍ଯ୍ୟ ମୃତ୍ୟୁ ଆଡ଼କୁ ଆଗେଇ ଯାଉଥାଏ, କକୁୟା ସେତେ ବେଶି ଅନୁଭବ କରେ ଯେ ତାର ସ୍ୱାମୀର ଏଇ ଅବସ୍ଥା ପାଇଁ ସେ ନିଜେ ହିଁ ଦାୟୀ । ସେ ଭାବେ ଏହା ମୋର ଦୋଷ । ମୋତେ ବିବାହ କରିବା ପାଇଁ ସେ ଏହି ଅସହ୍ୟ ଯନ୍ତ୍ରଣା ସହ୍ୟ କରିଛନ୍ତି । ମୋ ପାଇଁ ତାଙ୍କର ଆତ୍ମାକୁ ସେ ଏହି ନରକର ଭୂତ ପାଖରେ ବନ୍ଧକ କରିବାକୁ ବାଧ ହୋଇଛନ୍ତି ।

କ୍ରମଶଃ କକୁୟାର ଅନ୍ତର ଛାଇହୋଇଯାଏ କଳାମେଘରେ । ସେ ଭାବି ଭାବି କୂଳକିନାରା ପାଏ ନାହିଁ । କଣ କରିପାରିବ ସେ ? କିଛି ତାର କରିବାର କ୍ଷମତା ନାହିଁ । ତା'ହେଲେ ବସି ବସି ସେ କଣ ଦେଖିବ ତାର ସ୍ୱାମୀ କିପରି କ୍ରମଶଃ ମୃତ୍ୟୁପଥରେ ଆଗେଇ ଚାଲିଛି ?

ନା ନା, ତା ହୋଇ ନପାରେ । ଗୋଟାଏ କିଛି ତାକୁ

କରିବାକୁ ହେବ । କିନ୍ତୁ ସେ କଣ କରିବ ତାହା ଠିକ୍ କରିପାରୁନି;
ତାହାହେଲେ ବୋତଲଟାକୁ ସେ ନିଜେ କିଣିନେଇ କିଉଯ୍ୱୀକୁ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚାଇବ; କିନ୍ତୁ କିଉଯ୍ୱୀ କେବେହେଲେ ତାକୁ ବୋତଲଟିକୁ କିଣି କରିବାକୁ ରାଜି ହେବନାହିଁ । ସୁତରାଂ ଅନ୍ୟ କୌଣସି ବାଟ ତାକୁ କରିବାକୁ ହେବ । ଯେପରି ଭାବରେ ହେଉ ସ୍ୱାମୀକୁ ସେ ଉଦ୍ଧାର କରିବ ଏହି ଭିତରେ କରିବାକୁ ।

ସେଦିନ ରାତିରେ ବହୁ ଦିନ ପରେ କିଉଯ୍ୱୀ ଯେତେବେଳେ ଟିକିଏ ଶୋଇପଡ଼ିଛି, ସେତେବେଳେ କକୁଯ୍ୱା ଅତି ସନ୍ତର୍ପଣରେ ବିଛଣାରୁ ଉଠିଲା । ଖୁବ୍ ଧୀରେ ଧୀରେ ଘର ବାହାରକୁ ଆସି ଠିଆହେଲା, ତାପରେ ବାହାରିପଡ଼ିଲା ରାସ୍ତାକୁ ।

ଟିକିଏ ଆଗେଇ ଯାଇ କକୁଯ୍ୱା ଦେଖିଲା, ଗୋଟିଏ ବୁଢ଼ା ସାମନାରେ ଗଛ ତଳେ ବସି ପାଇପ୍ ଟାଣୁଛି ।

କକୁମ୍ବା ତାକୁ କହିଲା—"ଆମେ ଦୁହେଁ ପରସ୍ପର ଅପରିଚିତ; ତଥାପି ମୁଁ ସବିନୟେ ପଚାରୁଛି, ଆପଣ କଣ ଜଣେ ଦୁର୍ଦ୍ଦଶାଗ୍ରସ୍ତ ତରୁଣୀକୁ ସାହାଯ୍ୟ କରିପାରିବେ ?"

"କି ସାହାଯ୍ୟ ?"

"ବିଶେଷ କିଛି ନୁହେଁ, ଖାଲି ଗୋଟିଏ ବୋତଲ ଆପଣଙ୍କୁ କିଣିଆଣିବାକୁ ହେବ ।"

ଏ କଥା ଶୁଣି ଚମକି ଉଠିଲା ଲୋକଟି । ତାପରେ କହିଲା—"ବୋତଲ ? ତୁମେ କ'ଣ ସେହି ଡାକିନୀ, ଯିଏ ଶୟତାନର ବୋତଲଟି କିଣି କରିବାକୁ ଚାହେଁ ?"

କକୁଯ୍ୱା ବୁଝିପାରିଲା, ସେହି ବୋତଲଟା କଥା ବୁଢ଼ା ବି ଜାଣେ । ତାପରେ ସେ କାନ୍ଦି କାନ୍ଦି ସବୁ କଥା ଖୋଲି କହିଦେଲା ବୃଦ୍ଧଙ୍କୁ ।

ବୃଦ୍ଧଙ୍କର ମନ ସମବେଦନାରେ ଭରିଉଠିଲା । ସେ କକୁୟା ହାତରୁ ଚାରିଗୋଟି ସେଣ୍ଟାଇମ୍ ନେଇ ବୋତଲ କିଣି ଆଣିବା ନିମନ୍ତେ ଗଲେ ।

କିଛି ସମୟ ପରେ ବୃଦ୍ଧ ସେହି ନରକର ଭୟାବହ ବୋତଲଟି ଧରି ଆସି ପହଞ୍ଚିଲେ କକୁୟା ପାଖରେ ।

ବୃଦ୍ଧଙ୍କୁ ଦେଖି କକୁୟା ପଚାରିଲା, "ସିଏ କିଛି ବୁଝିପାରି ନାହାନ୍ତି ତ ?"

"ନା ।" ବୃଦ୍ଧ ମୁଣ୍ଡ ହଲାଇଲେ । "ନିଃସନ୍ଦେହରେ ତୁମର ସ୍ୱାମୀ ମୋତେ ବୋତଲଟି ବିକ୍ରି କରିଦେଇଛନ୍ତି ।"

କକୁୟା କହିଲା, "ଆପଣଙ୍କର କିଛି କାମନା ଥିଲେ ବୋତଲଟି ପାଖରେ ଚାହିଁପାରନ୍ତି । ଅନ୍ତତଃ ବର୍ତ୍ତମାନ ମୁହୂର୍ତ୍ତକ ପାଇଁ ଭୂତଟି ତ ଆପଣଙ୍କର ହୁକୁମ ପାଳନ କରିବ ।"

"ନାହିଁ ଲୋ ଝିଅ !" ଏହା କହି ସେ ତିନି ସେଣ୍ଟାଇମରେ ବୋତଲଟି କକୁୟାକୁ ବିକ୍ରି କରିଦେଇ ଅନ୍ଧକାରରେ ଅଦୃଶ୍ୟ ହୋଇଗଲେ ।

ବୃଦ୍ଧ ଚାଲିଯିବା ପରେ କକୁୟା ଶୁଣିବାକୁ ପାଇଲା, ତା କାନରେ କିଏ ଯେପରି ହା-ହା କରି ଅଟ୍ଟହାସ୍ୟ କରିଉଠିଲା । ଭୟରେ ତାର ଚକ୍ଷୁ ମୁଦ୍ରିତ ହୋଇଗଲା; କିନ୍ତୁ ତାର ମନେହେଲା ଯେପରି ଏକ ଭୀଷଣ ଅଟ୍ଟହାସରେ ତାର ଚାରିପାଖ କମ୍ପିଉଠୁଛି । କେଉଁଠୁ ଆସୁଛି ସେହି ଅଟ୍ଟହାସ୍ୟ ? ନରକର ଅନ୍ଧକାରରୁ କି ? ଅଥଚ ନିଘୋଳା ରାତିର ନିର୍ଜନ ପ୍ରହର ସେତେବେଳେ ଏକବାରେ ସ୍ତବ୍ଧ ।

କକୁୟା ଏତେବେଳକୁ ଭଲଭାବରେ ବୁଝିପାରିଲା, କଉୟୀ କାହିଁକି ରହି ରହି ଚିତ୍କାର କରିଉଠେ ଆତଙ୍କରେ ।

# ପନ୍ଦର

ସକାଳର ସୁନେଲି ଆଲୋକରେ ନିଦ ଭାଙ୍ଗିଗଲା କଉପ୍ପୀର । ପ୍ରଥମେ ଉପରେ ଟେବୁଲ ଆଡ଼କୁ ଚାହିଁଲା ସେ । ନା, ପ୍ରକୃତରେ ବୋତଲଟା ନାହିଁ । ତାହାହେଲେ ଏତେ ଦିନେ ଆପଦ ବିଦାୟ ନେଇଯାଇଛି । ଆନନ୍ଦରେ ଉଚ୍ଛ୍ୱସିତ ହୋଇଉଠିଲା ସେ । ସଙ୍ଗେ ସଙ୍ଗେ ସେ ଦୌଡ଼ିଗଲା କକୁପ୍ପା ନିକଟକୁ, କହିଲା—"ସୁସମ୍ବାଦ ।"

ବୋତଲର ମାଲିକ ହେବା ସଙ୍ଗେ ସଙ୍ଗେ କକୁପ୍ପା ହୃଦୟ ଯନ୍ତ୍ରଣାର ଯେ ମାଲିକ ହୋଇଯାଇଛି, ଆନନ୍ଦର ଆତିଶଯ୍ୟରେ ତାହା ବୁଝିପାରିଲାନି କଉପ୍ପୀ ।

ମନର ଆନନ୍ଦରେ ସେ କହିଗଲା ବୋତଲ ବିକ୍ରିର କାହାଣୀ । ଅବଶେଷରେ କହିଲା—"ବୋତଲଟା ନେଇ ବୁଢ଼ା ଅନ୍ଧକାରରେ ଅଦୃଶ୍ୟ ହୋଇଯିବା ପରେ ମୁଁ ବିଶ୍ୱାସ କରି-ପାରିଲିନି, ଏହା ସ୍ୱପ୍ନ ନା ସତ୍ୟ ! ···କିନ୍ତୁ ଗୋଟିଏ ଘଟଣାରେ ଅବାକ୍ ହେଉଛି ମୁଁ । ବୁଢ଼ା ତ କବରଖାନା ଆଡ଼କୁ ଗୋଡ଼ ବଢ଼ାଇଛି···ମରିବା ଆଗରୁ ଏହି ଅଭିଶପ୍ତ ବୋତଲଟି ପୁଣି କାହିଁକି କିଣିବାକୁ ଗଲା ସେ ? ଗଧଟାଏ ନା କଣ ?"

ଶୁଷ୍କ କଣ୍ଠରେ ଜବାବ ଦେଲା କକୁପ୍ପା, "ହୁଏତ ଗଧ ବୋଲି ମନେହୋଇପାରେ, କିନ୍ତୁ ପ୍ରକୃତରେ ସେ ମୂର୍ଖ ନୁହେଁ । ତାର ଉଦ୍ଦେଶ୍ୟ ସାଧୁ ବି ହୋଇପାରେ ।"

କଉପ୍ପୀ କହିଲା, "ତା ପାଖରୁ କେହି ଯଦି ବୋତଲଟା କିଣିଥାଏ, ତାହାହେଲେ ନିଶ୍ଚୟ ତିନି ସେଣ୍ଟାଇମ୍‌ରେ କିଣିଛି । ଯାପରେ ଦୁଇ ସେଣ୍ଟାଇମ୍‌ରେ ବୋତଲ ବିକ୍ରି କରିବା ଅସମ୍ଭବ । କିନ୍ତୁ ଯିଏ ବୋତଲର ମାଲିକ ହେଉନା କାହିଁକି, ବୋତଲର ଭୂତ

ତାକୁ ନରକର ଅଗ୍ନିରେ ନିକ୍ଷେପ କରିଦେବ ।”

ତା କଥା ଶୁଣି କିଲୁଆର ମୁହଁ ଆତଙ୍କରେ ପାଣ୍ଡୁର ହୋଇଗଲା । ଯେଉଁ ଆତଙ୍କରୁ ଏଇମାତ୍ର ମୁକ୍ତି ପାଇଛି କଉୟୀ, ସେହି ଆତଙ୍କର ଚିହ୍ନ ଫୁଟିଉଠିଲା କିଲୁଆ ମୁହଁରେ; କିନ୍ତୁ ତାହା ଲକ୍ଷ୍ୟ କରିପାରିଲାନି କଉୟୀ ।

ସେ ଉଚ୍ଛ୍ୱସିତ କଣ୍ଠରେ କହିଲା, “ଆଉ କିଛି ଭୟ ନାହିଁ ଆମ ଦୁହିଁଙ୍କର । ପ୍ରାଣ ଖୋଲି ଆନନ୍ଦ କରାଯାଇ ପାରିବ ଏଥର । ତା’ପରେ ହନଲୁଲୁଗାମୀ ପ୍ରଥମ ଜାହାଜରେ ଦେଶକୁ ଫେରିବା ।

ବୁଲିବାକୁ ଯାଇ ଦିନଟିଏ ନଷ୍ଟ କରିବାକୁ ଚାହିଁଲାନି କିଲୁଆ । ବୋତଲଟି ବିକ୍ରି କରିବାର ଏକମାତ୍ର ଆଶା ଏହି ତାହିତିରେ । ସମସ୍ତ ଆଶା ଭରସା ଏକଦମ୍ ନଷ୍ଟ ହୋଇଯିବ ହାୱାଇ ଦ୍ୱୀପକୁ ଫେରିଲେ । ସେଠାରେ ସେଣ୍ଟ୍‌ଠାରୁ କମ୍ ମୁଦ୍ରା ନାହିଁ ।

କିଲୁଆକୁ ଚୁପ୍‌ରହିବା ଦେଖି କଉୟୀ ଅବାକ୍ ହୋଇ ପଚାରିଲା, “ଘଟଣା କ’ଣ ? କଥା କହୁନାହଁ କାହିଁକି ?”

“ମୋର ଦେହଟା ଆଜି ଭଲ ନାହିଁ । ମୁଁ ଆଜି ବସାରେ ଟିକିଏ ବିଶ୍ରାମ ନିଏ । ତୁମେ ବରଂ ସହରକୁ ଏକା ଯାଅ ।”

ଉଦ୍‌ବିଗ୍ନ ହୋଇ କଉୟୀ ପଚାରିଲା, “ସତେ, ଖୁବ୍ ଅସୁସ୍ଥ ବୋଧକରୁଛ ? ତା’ହେଲେ ଡାକ୍ତର ଡାକିବି କି ?”

“ନା ନା” କିଲୁଆ ମୁଣ୍ଡ ହଲାଇଲା···“ସେମିତି କିଛି ନାହିଁ । ଏଇ କେତେ ଦିନ ପରିଶ୍ରମରେ ଟିକିଏ କ୍ଳାନ୍ତ ବୋଧକରୁଛି । ମୋ ପାଇଁ କିଛି ଚିନ୍ତା କରନା । ନିଶ୍ଚିନ୍ତ ମନରେ ତୁମେ ସହରକୁ ଯାଇପାର ।”

ଅନେକ ଦିନ ପରେ ପ୍ରାଣ ଖୋଲି ଆନନ୍ଦ କରିବାର ସୁଯୋଗ ପାଇ କଉୟୀ ଆଉ କିଛି ଦ୍ୱିରୁକ୍ତି କଲାନି । ସେ ଏକାକୀ

ସହରକୁ ଗ୍ଲଲଗଲ ।

× × × ×

ସେତେବେଳେ ମଧ୍ୟରାତି ।

ଧନଟା ସାରା ସହରରେ ଆନନ୍ଦରେ କଟାଇ ଘୋଡ଼ା-ଗାଡ଼ିରେ ବସି ଘରକୁ ଫେରିଲା କଉସ୍ତୀ । ସାଙ୍ଗରେ ତାର ଥିଲା ଗୋଟିଏ ବଦ୍‌ସ୍ୱଭାବର ଲୋକ, ଯାହା ସହିତ ତାର ପରିଚୟ ହୋଇଥିଲା ହୋଟେଲରେ । ସେ ମୋଟେ କଉସ୍ତୀର ସାଙ୍ଗ ଛାଡ଼ିଲାନି । ଗାଡ଼ିରେ ଚଢ଼ିଲାବେଳେ ଲୋକଟି ମଧ୍ୟ ତା ସହିତ ଉଠିଲା ।

କଉସ୍ତୀ ବୁଝିପାରିଲା, କିଛି ପଇସାପଇ ନ ଦେଇ ଏହା ହାତରୁ ମୁକ୍ତି ପାଇବାର ସମ୍ଭାବନା ନାହିଁ; କିନ୍ତୁ ପକେଟରେ ହାତ ପୂରାଇ ଗୋଟିଏ ହେଲେ ପଇସା ପାଇପାରିଲାନି । ସେ ଯେତେ ଟଙ୍କା ସାଙ୍ଗରେ ନେଇଥିଲା, ସବୁ ଖରଚ ହୋଇଯାଇଛି । ସେ କହିଲା, "ମୋ ପାଖରେ ଏବେ କିଛି ନାହିଁ ।"

ଲୋକଟି ତଥାପି ପିଛା ଛାଡ଼ିଲାନି, ଗାଡ଼ିରୁ ଆଦୌ ଓହ୍ଲାଇଲାନି । ସମଗ୍ର ରାସ୍ତାରେ କର୍କଶ ସ୍ୱରରେ ବେତାଳିଆ ଗୀତ ଗାଇ ଗାଇ ଲୋକଟା ତାକୁ ବଡ଼ ହରକତ କଲା । ଘରପାଖରେ ପହଞ୍ଚି କଉସ୍ତୀ ଯେତେବେଳେ ଗାଡ଼ି ଅଟକାଇଲା, ସେତେବେଳେ ଲୋକଟା ହଠାତ୍ ତାକୁ କହିଲା, "ତୁମ ପାଖରେ କୁଆଡ଼େ ଗୋଟିଏ ଯାଦୁ ବୋତଲ ଅଛି ? ସେହି ବୋତଲ ନିକଟରେ ଯାହା ଗ୍ଲହିଁବ ତାହା ମିଳିବ ? କହ, ସେହି ବୋତଲ ବଦଳରେ କେତେ ବୋତଲ ମଦ ଆଉ କେତେ ଟଙ୍କା ମୁଁ ଦେବି ?"

କଉସ୍ତୀ ହସି ହସି କହିଲା, "ସେ ବୋତଲଟା ଆଉ ମୋ ପାଖରେ ନାହିଁ । ମୁକ୍ତ ପାଇଛି ମୁଁ ଶୟତାନ କବଳରୁ । ଟଙ୍କା ପାଇଁ ତୁମେ ଚିନ୍ତା କରନି । ଘରକୁ ଯାଇ ମୁଁ ଟଙ୍କା ନେଇ ଆସିବି ।"

ଲୋକଟିକୁ ଗାଡ଼ିରେ ବସାଇରଖି କଉସ୍ତୀ ଫାଟକ ଖୋଲି ଘର ଭିତରକୁ ପଶିଲା ।

କକୁସ୍ଥାର ଦେହ ଭଲ ନାହିଁ । ତାକୁ ବିରକ୍ତ କରିବା ଠିକ୍ ହେବନି । ଏହା ଭାବି ସେ ପାଦ ଚିପି ଚିପି ବାରଣ୍ଡାରେ ଆସି ଠିଆହେଲା ।

ଘରର ଦରଜା ଖୋଲା । କଉସ୍ତୀ ଅବାକ୍ ହେଲା । ଏତେ ରାତିରେ ଦରଜା ଖୋଲା କାହିଁକି ? ଧୀରେ ଧୀରେ ଆଗେଇଗଲା କଉସ୍ତୀ । ଦରଜା ନିକଟରେ ଛିଡ଼ା ହୋଇ ଦେଖିଲା—କକୁସ୍ଥା ଗୋଟିଏ ଚୌକି ଉପରେ ବସି କହିଁକଇଁ ହୋଇ କାନ୍ଦୁଛି । ଆଉ···ଆଉ ତା କୋଳରେ ସେଇଟା କଣ ?

ଭୟାର୍ତ୍ତ ନୟନରେ ଗୁହିଁରହିଲା କଉସ୍ତୀ ।

କକୁସ୍ଥାର କୋଳରେ ନରକର ସେହି ବୋତଲଟା !

ପ୍ରଥମେ ସେ ଭାବିଲା, ବୋତଲଭୂତ ନିଶ୍ଚୟ ତା ନିକଟକୁ ଫେରିଆସିଛି ; କିନ୍ତୁ ଯେତେବେଳେ ସେ କକୁସ୍ଥାର ମୁହଁରେ ଆତଙ୍କର ଚିହ୍ନ ଦେଖିବାକୁ ପାଇଲା, ସେତେବେଳେ ସେ ବୁଝିପାରିଲା ଯେ କୌଣସି ଏକ କୌଶଳରେ କକୁସ୍ଥା ତା' ବଦଳରେ ନିଜର ଆତ୍ମାକୁ ଶୟତାନ ନିକଟରେ ବିକ୍ରି କରିଦେଇଛି ।

ତା ମୁଣ୍ଡରେ ଯେପରି ବଜ୍ରାଘାତ ହେଲା ।

"କିପରି ମୁଁ କକୁସ୍ଥାକୁ ବଞ୍ଚାଇବି ବର୍ତ୍ତମାନ ?"—କଉସ୍ତୀ

ଘବବାକୁ ଲଗିଲା ।

ହଠାତ୍ ତା ମୁଣ୍ଡରେ ଢୁକିଲା ଗୋଟିଏ ବୁଦ୍ଧି । ସେ ଧୀରେ ଧୀରେ ବାରଣ୍ଡାରୁ ଓହ୍ଲାଇ ଠିଆହୋଇଥିବା ଗାଡ଼ି ଆଡ଼କୁ ଗ୍ଲଲା ।

ତାକୁ ଫେରଆସିବା ଦେଖି ଜାହାଜୀଟି ପ୍ରଶ୍ନ କଲା, "ଖବର କଣ ? ଏତେ ଶୀଘ୍ର ଫେରଆସିଲ ଯେ ? ଟଙ୍କା ଆଣିଛ ?"

ତାକୁ ମାରବରେ ରହିବାକୁ ଇଶାରା ଦେଇ କଉସ୍ପୀ କହିଲା, ଆଣିନ ।" ତା'ପରେ ଗାଡ଼ି ଉପରକୁ ଉଠି ଘୋଡ଼ା ପିଠିରେ ଛୁବୁକ ମାରିଲା ସେ ।

ଟିକିଏ ଦୂରକୁ ଯାଇ ଯେତେବେଳେ ଗୋଟିଏ ନିରୋଳା ଜାଗାରେ ଆସି ପହଞ୍ଚିଲା ଗାଡ଼ିଟି, କଉସ୍ପୀ ଗାଡ଼ି ରଖି ଜାହାଜୀଟି ଆଗରେ ସବୁକଥା କହିଗଲା,"ଶୁଣ ! ମୋ ସ୍ତ୍ରୀ ପାଖରେ ବୋତଲଟା ଅଛି । ଯେତେବେଳଯାଏ ସେହି ବୋତଲଟାକୁ ପୁନରୁଦ୍ଧାର କରା ନ ଯାଇଛି, ସେତେବେଳଯାଏ ପଇସାପଇ ଯୋଗାଡ଼ କରିପାରୁନ ।"

ଜାହାଜୀଟି କହିଲା, "ଏ କଣ ଭାଇ ଥଟ୍ଟା କରିବା ସମୟ ?"

"ମୋତେ ଦେଖି କଣ ମନେହେଉଛି ଯେ ମୁଁ ତୁମ ସହିତ ଥଟ୍ଟା କରୁଛି ?"

ଜାହାଜୀଟି ତା ମୁହଁ ଆଡ଼କୁ ଗ୍ନହିଁ କହିଲା, "ତୁମକୁ ଭୂତ ପରି ଗମ୍ଭୀର ହେବାର ଦେଖାଯାଉଛି ।"

କଉସ୍ପୀ ଜାହାଜୀ ହାତରେ ଦୁଇଟି ସେଣ୍ଟାଇମ୍ ଦେଇ କହିଲା "ଏହି ଦୁଇ ସେଣ୍ଟାଇମ୍ ଦେଇ ମୋ ସ୍ତ୍ରୀ ପାଖରୁ ବୋତଲଟି କିଣି ନେଇଆସ । ଭୁଲରେ ମଧ୍ୟ କହିବ ନାହିଁ ଯେ ମୁଁ ତୁମକୁ ପଠାଇଛି । ବୋତଲଟା ଆଣି ମୋ ସହିତ ଏଠାରେ ଦେଖାକରିବ । ମୁଁ ଏକ

ସେଣ୍ଟାଇମ୍ ଦେଇ ତୁମଠାରୁ ବୋତଲଟା କିଣିନେବ ।"

ଜାହାଜଟି ବାହାରପଡ଼ିଲା ।

କଉପୀ ଭାବିଲା, "ଯାହାହେଉ କିଉପାକୁ ନିଷ୍କୃତି ଦେଲି ନରକ କବଳରୁ ।"

ଏହାଠାରୁ ବଡ଼ ଆତ୍ମତ୍ୟାଗ କଣ ଆଉ ହୋଇପାରେ ? ଥରେ ଯଦି ଏକ ସେଣ୍ଟାଇମ ଦେଇ ବୋତଲଟା କିଣିନିଏ କଉପୀ, ତାହେଲେ ଆଉ ବିକି କରିବାର ପ୍ରଶ୍ନ ଉଠିବ ନାହିଁ । କାରଣ ତା ତଳକୁ ଆଉ କୌଣସି ମୁଦ୍ରା ନାହିଁ । ତାର ମାନେ...

ତାର ମାନେ କଉପୀ ନିଜକୁ ଯୁଗଯୁଗାନ୍ତର ପାଇଁ ନରକର ଅଗ୍ନିଶସ୍ତ୍ର ଯନ୍ତ୍ରଣାରେ ନିକ୍ଷେପ କଲା । ଏହି ଚୂଡ଼ାନ୍ତ ପରିଣତିଠାରୁ ରକ୍ଷା ପାଇବାର ଆଉ କୌଣସି ଉପାୟ ନାହିଁ ।

କ୍ରମଶଃ ସମୟ ଗଡ଼ିଚାଲିଲା । ଅନେକ ସମୟ କଟିଗଲା; କିନ୍ତୁ ଜାହାଜଟିର ପ୍ରତ୍ୟାବର୍ତ୍ତନର କୌଣସି ସୂଚନା ମିଳିଲା ନାହିଁ ।

ବାରମ୍ବାର ହାତଘଣ୍ଟାକୁ ଦେଖି ଦେଖି କଉପୀ ଭାବିଲା, "ଘଟଣା କଣ ? କିଛି ଗଣ୍ଡଗୋଳ ହୋଇନାହିଁ ତ ? କିଉପା କ'ଣ ଫଳଟି ବୁଝିପାରି ବୋତଲ ବିକି କରିବାକୁ ରାଜି ହୋଇନି ?"

ଆସ୍ତେ ଆସ୍ତେ ଆହୁରି କିଛି ସମୟ କଟିଗଲା; କିନ୍ତୁ ଜାହାଜଟିର ତଥାପି ଦେଖାନାହିଁ ।

ଅସ୍ଥିରଭାବେ ପଦଚାରଣ କରିବାକୁ ଲାଗିଲା କଉପୀ ।

ହଠାତ୍ ଏକ ମାତାଲ ଗୀତର ସ୍ୱରରେ ଚମକିଉଠିଲା କଉପୀ ।

ଜାହାଜଟି ନିଶ୍ଚୟ ବାଟରେ କେଉଁଠି ମଦ ପିଇଛି; ନହେଲେ

ଏପରି ସୁର ଲମ୍ବାନ୍ତା କାହିଁକି ? ତା'ହେଲେ ଜଣାପଡ଼ୁଛି ସେ ସେହି ବୋତଲଟି ନିଶ୍ଚୟ କିଣିଛି ।" ଭାବିଲା କଉୟୀ ।

ତାପରେ ଛଳ ଛଳ ଆସି ପହଞ୍ଚିଲା ଜାହାଜୀଟି ।

ଉଦ୍‌ଗ୍ରୀବ କଣ୍ଠରେ କଉୟୀ ପଚାରିଲା, "ବୋତଲଟା କିଣି ଆଣିଛ ତ ?"

"ହଁ"—ବୋତଲଟି ଟେକି ଦେଖାଇଦେଲା ଜାହାଜୀ ।

ତାପରେ ହସ ହସ ମୁହଁରେ ସେ କହିଲା, "ମୁଁ ଯେମିତି ଗିଲାସେ ମଦ ମାଗିଛି, ଉପରୁ ଗିଲାସେ ମଦ ଆସି ମୋ ହାତରେ ଥୁଆ ।"

କଉୟୀ ବୋତଲଟାକୁ ନେବା ପାଇଁ ଆଗେଇବାରୁ ମାତାଲ ଜାହାଜୀଟା ବୋତଲ ଉଞ୍ଚାଇ ଚିତ୍କାର କରି କହିଲା, "ଆଉ ଟିକିଏ ଆଗେଇଲେ ତୁମ ମୁଣ୍ଡ ମୁଁ ଛତୁ କରିଦେବି । ହଁ, ମୋ ସହିତ ଫାଜିଲାମି ! ତୁମେ ଭାବିଥିଲ ମୋ ଜରିଆରେ ବୋତଲଟା ତୁମ ହାତକୁ ନେଇଯିବ; କିନ୍ତୁ ମନେରଖ, ତୁମଠାରୁ ଆରକ ଚାଲକ୍ ମୁଁ ।"

ଅବାକ୍ ହୋଇ ପଚାରିଲା କଉୟୀ, "ତାର ମାନେ ?"

"ମାନେ ପୁଣି କଣ ? ବୋତଲଟା ଆଦୌ ଦେବିନି ତୁମକୁ । ଆଉ ଏକ ସେଣ୍ଟାଇମ୍ ଦେଇ ତୁମେ କିଣିପାରିବନି ଭାଇ ! ମୁଁ ଏତେ ଶସ୍ତାରେ ବୋତଲଟି ମୋ ହାତରୁ ଛାଡ଼ିଦେବି ?"

"କିନ୍ତୁ ବୋତଲର ମାଲିକକୁ ଅନନ୍ତ କାଳ ନରକଯନ୍ତ୍ରଣା ଭୋଗ କରିବାକୁ ହେବ ।" ତାକୁ ଏହା ବୁଝାଇବାକୁ ଚେଷ୍ଟାକଲା କଉୟୀ ।

"ମୋତେ ବୋକା ଠଉରେଇଛ, ନୁହେଁ ?" ଅନ୍ଧକାର ରାସ୍ତା ଦେଇ ଚାଲି ଯାଉ ଯାଉ ଜାହାଜୀଟି କହିଲା, "ଏସବୁ ବାଜେ କଥା

କହନ୍ତ । ବୋତଲଟା ବର୍ତ୍ତମାନ ମୋର, ତୁମକୁ ଆଦୌ ଦେବନି । ତୁମର ଦରକାର ଥିଲେ ତୁମେ ନରକରୁ ଆଉ ଗୋଟିଏ ବୋତଲ କିଣି ଆଣିପାର ।"

କର୍କଶ କଣ୍ଠରେ ମାତାଲି-ସଙ୍ଗୀତର ସୁରରେ ରାତିର ଅନ୍ଧକାରକୁ ମନ୍ଥନ କରି ଧୀରେ ଧୀରେ ଅଦୃଶ୍ୟ ହୋଇଗଲା ଜାହାଜୀଟି ବୋତଲ ନେଇ ।

ତା ଆଉକୁ ନବାକ୍ ଘରରେ ରୁହିଁରହିଲା କଉପ୍ପୀ ।

ତାପରେ କଉପ୍ପୀ ଓ କକୁପ୍ପା ସୁଖରେ ଦିନାତିପାତ କରିବାକୁ ଲାଗିଲେ ।

କିନ୍ତୁ ମାତାଲ ଜାହାଜୀଟା ?

* * *